


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୭ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 MARCH 2025

Vol.No. 36 ■ No.81 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୬/୩ : ଛାତିକୁ ଧରିବା ଓ ପାଇଜାମାର ଡୋର ଖୋଲିବା ଦୁଷ୍କର୍ମ ଉଦ୍ୟମରେ ଯାଉନାହିଁ। ଏକ ମାମଲାର ବିଚାର କରି ସପ୍ତାହେ ତଳେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଏହି ରାୟ ଉପରେ ଆଜି ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ। 'ସମ୍ବେଦନଶୀଳତାର ଅଭାବ' ଦର୍ଶାଇ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଛନ୍ତି ସର୍ବୋଚ୍ଚ କୋର୍ଟ। ତା' ସହିତ କୋର୍ଟ ଏହି ଘଟଣାରେ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ ବି.ଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସୀହଙ୍କ ବେଞ୍ଚ ଏହି ନିର୍ଦ୍ଦେଶ ଦେବା ବେଳେ କହିଥିଲେ, ଆମକୁ



କହିଲା ବେଳକୁ ଦୁଃଖ ଲାଗୁଛି ଯେ ଯିଏ ଏହି ରାୟ ଦେଇଛନ୍ତି, ତାଙ୍କଠାରେ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ଏହି ରାୟକୁ ତରବରିଆ ଭାବେ ଶୁଣାଯାଇନାହିଁ। ଏହାକୁ ସଂରକ୍ଷିତ କରି ରଖିବାର ୪ ମାସ ପରେ ଶୁଣାଯାଇଛି। ଆମେ ସାଧାରଣତଃ ଏଭଳି ସ୍ତରରେ କୌଣସି ରାୟ ଉପରେ ରୋକ ଲଗାଇବାକୁ କୁଣ୍ଠକୁଣ୍ଠ ହେଉ। କିନ୍ତୁ ପ୍ରଦତ୍ତ ରାୟର ୨୧, ୨୪ ଓ ୨୬ ନମ୍ବର ପାରାଗ୍ରାଫରେ ଯେଉଁ ଟିପ୍ପଣୀ କରାଯାଇଛି, ତାହା ଆଇନ ବିରୋଧୀ ଓ ଅମାନବିକତା ଦୃଷ୍ଟିକୋଣକୁ ଦର୍ଶାଉଛି। ତେଣୁ ଆମେ ଉକ୍ତ ପାରାଗ୍ରାଫ ଗୁଡ଼ିକରେ କରାଯାଇଥିବା ଟିପ୍ପଣୀ ଉପରେ ରୋକ ଲଗାଉଛୁ। ବେଞ୍ଚଙ୍କ ଏହି ରାୟ ସହିତ ଏକମତ ହୋଇଥିଲେ ସୋଲିସିଟର ଜେନେରାଲ ତୁଷାର ମେହତା। ସେ କହିଥିଲେ, କିଛି ରାୟରେ ଏମିତି ଟିପ୍ପଣୀ ଥାଏ ଯେ, ସେଗୁଡ଼ିକ ଉପରେ ରୋକ ଲଗାଇବାକୁ ପଡ଼ିଥାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା। ଏହି ମାମଲାରେ ବିଚାରପତି (ହାଇକୋର୍ଟର ବିଚାରପତି) ସଂପୂର୍ଣ୍ଣ ଅସମ୍ବେଦନଶୀଳତା ଦେଖାଇଛନ୍ତି। ସମନ ଜାରି କରିବା ସ୍ତରରେ ଏହା ଘଟିଛି। ବିଚାରପତିଙ୍କ ବିରୋଧରେ ଏଭଳି କଠିନ ଶବ୍ଦର ▶▶ପୃଷ୍ଠା ୭

## ଶ୍ରୀଜଗନ୍ନାଥ ବିମାନବନ୍ଦର ପାଇଁ ତତ୍ପରତା: ଜମି ଅଧିଗ୍ରହଣ ପାଇଁ ଆରମ୍ଭ ହେଲା ପ୍ରଶାସନିକ ପ୍ରକ୍ରିୟା

ପୁରୀ, ୨୬/୩ (ନି.ପ୍ର): ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ପାଇଁ ଅଣ୍ଟା ଭିଡ଼ିଛନ୍ତି ସରକାର । ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତୁତି। ୧୧୬୪ ଏକ ଜମିରେ ନିର୍ମାଣ ହେବ ଏୟାରପୋର୍ଟ । ଖୁବଶୀଘ୍ର ଆରମ୍ଭ ହେବ କାମ । ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ସହ ରାଜ୍ୟର ଆର୍ଥିକ ବିକାଶକୁ ମିଳିବ ନୂଆ ଗତି। ଦେଶ ବିଦେଶର ବିଭିନ୍ନ ସହର ସହ ଯୋଡ଼ିହେବ ଶ୍ରୀକ୍ଷେତ୍ର ପୁରୀ। ପ୍ରସ୍ତାବିତ ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ପ୍ରକାଶ ପାଇଛି ତତ୍ପରତା । ରାଜ୍ୟ



ସରକାରଙ୍କ ତରଫରୁ ଡିପିଆର୍ ଆବେଦନ ପରେ ଏବେ ଜମି ଅଧିଗ୍ରହଣ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ କମିଟି ଗଠନ ହୋଇଥିବା ବେଳେ ଏୟାରପୋର୍ଟ କ୍ରିୟାନ୍ୱୟନ ପାଇଁ ବାଟ ଫିଟିଛି । ପ୍ରାଥମିକ ପର୍ଯ୍ୟାୟରେ ୨୨୧ ଏକ ଜମି ଅଧିଗ୍ରହଣ କରାଯିବ । ଏ ନେଇ ଏପ୍ରିଲ ମାସ ୯ ଏବଂ ୧୧ ତାରିଖରେ ▶▶ପୃଷ୍ଠା ୭

## ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ହରିଶ ଟଣ୍ଡନ

ଭୁବନେଶ୍ୱର, ୨୬/୩ (ନି.ପ୍ର): ଜଷ୍ଟିସ ଟଣ୍ଡନ ପୂର୍ବରୁ କଲିକତା ହାଇକୋର୍ଟର ବିଚାରପତି ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନାଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ନେଇ ସୁପାରିସ୍ କରିଥିଲେ। ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କଲିକତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପତି ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଶପଥ ଗ୍ରହଣ



ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ଥିଲେ। ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି ରାଷ୍ଟ୍ରପତି। ସେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ କାର୍ଯ୍ୟଭାର ସମ୍ଭାଳିବେ। ଜଷ୍ଟିସ ଟଣ୍ଡନ ପୂର୍ବରୁ କଲିକତା ହାଇକୋର୍ଟର ବିଚାରପତି ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନାଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ନେଇ ସୁପାରିସ୍ କରିଥିଲେ। ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କଲିକତା ହାଇକୋର୍ଟର ▶▶ପୃଷ୍ଠା ୭

## ଲାଂଚ ନେବା ବେଳେ ଧରାପଡିଲେ ଅମିନ

ଭୁବନେଶ୍ୱର, ୨୬/୩ (ନି.ପ୍ର): ଲାଂଚ ନେବା ବେଳେ ଧରାପଡିଲେ ଅମିନ । ସୁନ୍ଦରଗଡ ଜିଲ୍ଲା କୁଟ୍ରା ତହସିଲର ଅମିନ ଶିଶିର କୁମାର ନାଏକ ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ପାର୍ଟିସନ ପାଇଁ ସ୍କେଚ ମ୍ୟାପ ପ୍ରସ୍ତୁତ କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ସେ ୬ହଜାର ଟଙ୍କା ଲାଂଚ ନେଉଥିଲେ। ସ୍କେଚ ମ୍ୟାପ ଦେବା ପାଇଁ ସେ ୧୦ହଜାର ଟଙ୍କା ଦାବି କରିଥିଲେ । ମାତ୍ର ୬ହଜାରରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିଲା । ପୂର୍ବ ଯୋଜନା ଅନୁଯାୟୀ ସେ ଲାଂଚ ନେଉଥିବା ବେଳେ ତାଙ୍କୁ ମାଡିବସିଥିଲା ଭିଜିଲାନ୍ସ । ତାଙ୍କ ଠାରୁ ସଂପୂର୍ଣ୍ଣ ଲାଂଚ ଟଙ୍କା ଜବତ କରାଯାଇଛି ।

## ୨୪ଘଣ୍ଟା ଧରି ହାଇଡ୍ରାମା: ପୁଲିସ ସହ ଧସ୍ତାଧସ୍ତି, ବ୍ୟାରିକେଡ ଭାଙ୍ଗି ଦେଖାଇଲେ ଶକ୍ତି

ଭୁବନେଶ୍ୱର, ୨୬/୩ (ନି.ପ୍ର): ନିଲମ୍ବିତ କଂଗ୍ରେସ ବିଧାୟକମାନେ ବିଧାନସଭା ଗେଟ୍ ବାହାରେ ହଙ୍ଗାମା କରୁଥିବାବେଳେ ଭିତରୁ ମାଡି ଆସିଥିଲେ ବିଜେଡି ବିଧାୟକ । ଗଣତନ୍ତ୍ରର କଣ୍ଠରୋଧ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଥିବା ଅଭିଯୋଗ ଆଣି ଗେଟକୁ ଜୋର ଜବରଦସ୍ତି ଖୋଲି ଦେଇଥିଲେ । ବିଧାନସଭା ସମ୍ମୁଖରେ ତିଆରି କରାଯାଇଥିବା ବ୍ୟାରିକେଡ୍‌କୁ ଭାଙ୍ଗି ବାବା ସାହେବ



ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ସେଠାରେ କଂଗ୍ରେସ ବିଧାୟକଙ୍କ ନିଲମ୍ବନକୁ ନିନ୍ଦା କରିବା ସହ ସରକାରଙ୍କୁ ଜୋରଦାର ଟାର୍ଗେଟ କରିଥିଲେ । ଶୂନ୍ୟକାଳରେ ଗୃହ କାର୍ଯ୍ୟରେ ସାମିଲ ହୋଇ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ବିବୃତି ଦାବି କରିଥିଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ବିରୋଧୀ ଦଳର ଦାବି ଅନୁସାରେ ବାଚସ୍ପତି ଗୃହରେ ବିବୃତି ରଖିଛନ୍ତି । ୨୦ ମାର୍ଚ୍ଚରୁ କଳା ବ୍ୟାଜ, କଳା ପୋଷାକ ପରିଧାନ କରି ହୁଇସିଲ, ତୂରୀ, ଘଣ୍ଟ, ବଂଶୀ ବଜାଇ ଗୃହ କାର୍ଯ୍ୟରେ ବାଧା ପହଞ୍ଚାଇଥିଲେ । ସେଥିପାଇଁ ମାର୍ଚ୍ଚ ୧୦,୧୩,୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇଥିଲା । କିନ୍ତୁ ଏହା ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ । ▶▶ପୃଷ୍ଠା ୭

## ବିଧାନସଭା ଅଚଳ କରିବାକୁ ଷଡଯନ୍ତ୍ର କରୁଛି କଂଗ୍ରେସ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୬/୩ (ନି.ପ୍ର): କଂଗ୍ରେସ ଦଳ ନିଜର ସ୍ଥିତିକୁ ବଂଚାଇବା ସହ ଓଡ଼ିଶା ପ୍ରଦେଶରେ ନିଜର ଅସ୍ତିତ୍ୱ ବଂଚାଇ ରଖିବା ପାଇଁ ଆସନ୍ତା ୨୭ ତାରିଖରେ ବିଧାନସଭା ସାମ୍ନାରେ ରାଲି କରିବ ବୋଲି ନିଷ୍ପତି ନେଇଛି। ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବିବୃତି ରଖିଛନ୍ତି। ସେ କହିଛନ୍ତି ଯେ ବିଧାନସଭା ମଧ୍ୟରେ କଂଗ୍ରେସ ଦଳର ବିଧାୟକମାନେ ଅତ୍ୟନ୍ତ ଅସାମଞ୍ଜସ୍ୟ ବ୍ୟବହାର ଓ କଦର୍ଯ୍ୟ ଭାଷା ବ୍ୟବହାର କରୁଛନ୍ତି ଏବଂ ବିଧାନସଭା ଚ଼ାଲିଥିବାବେଳେ ଘଂଟ -ଘଂଟା ବଜାଇବା,ଏହା ଏକ ଅଗଣତାନ୍ତ୍ରିକ ଓ ବଡ଼ ଅପରାଧ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସମ୍ପୂର୍ଣ୍ଣ ଘଟଣାର ଗୃହ କମିଟି ପାଇଁ ଯେଉଁ ଦାବି କରୁଛନ୍ତି,ତାହା ଆୟୁକ୍ତିତା ଏବଂ ସେହିମାନେ ଜାଣିଛନ୍ତି ଏହି ଘଟଣାରେ ଗୃହ କମିଟି କରାଯାଇପାରିବ ନାହିଁ,ଜାଣିକି ଅଛିଣ୍ଡା ଅଙ୍କ କହିଲେ ଆମକୁ ଗଣ୍ଡଗୋଳ ଓ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସୁଯୋଗ ମିଳିବ। ବିରୋଧୀ ଦଳ ବିଧାୟକ ମାନେ ଯେଉଁ ପ୍ରକ୍ରିୟାକୁ ▶▶ପୃଷ୍ଠା ୭

## ୩ ଦିନ ପରେ ରାଜ୍ୟରେ ଅସମ୍ଭାଳ ତାତି: ୫ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୬/୩ (ନି.ପ୍ର): ରାଜ୍ୟରେ ଟାଇଁ ଟାଇଁ ଖରା ସହ ବୃଦ୍ଧି ପାଉଛି ପାରଦର ସ୍ତର । ୩ ଦିନ ମଧ୍ୟରେ ୨ ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ସହ ପୁଣି ରାଜ୍ୟରେ ଅସମ୍ଭାଳ ତାତି ଅନୁଭବ ହେବ । ୨୯ ତାରିଖରେ ପୁଣି ଫେରିବ ହିଟ୍ ୱେଭ୍ ବା ଗ୍ରୀଷ୍ମ ପ୍ରବାହ । ସେଥିପାଇଁ ସତର୍କତା ଜାରି କଲା ପାଣିପାଗ ବିଭାଗ । ସେପଟେ ଆଗାମୀ ୫ ଦିନ ପାଗ ଶୁଖିଲା ରହିବ । ବର୍ତ୍ତମାନର ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୨ ରୁ ୩ ଡିଗ୍ରୀ କମ୍ ରହିଛି ଯାହାକି



ଆଗାମୀ ୩ ଦିନ ମଧ ରେ ଧୀରେ ଧୀରେ ବଢିବ । ଏହି ବର୍ଦ୍ଧିତ ତାପମାତ୍ରାକୁ ନେଇ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଟପିବା ସହ କିଛି ସ୍ଥାନରେ ୪୨ ଡିଗ୍ରୀ ଛୁଇଁପାରେ ବୋଲି ବିଭାଗ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୨୯ ତାରିଖରେ ହିଟ୍ ୱେଭ୍ ପାଇଁ ସତର୍କତା ଜାରି କରାଯାଇଥିବା ବେଳେ ସୋନପୁର ,ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଓ ସମ୍ବଲପୁର ଏହି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୩୦ ତାରିଖରେ ସମାନ ଜିଲ୍ଲାରେ ହିଟ୍ ୱେଭ୍ ସତର୍କତା ଥିବାବେଳେ ବର୍ଷାର କୌଣସି ସମ୍ଭାବନା ନଥିବା ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ । ଗତ ୨୪ ଘଣ୍ଟା ରେ ସାରା ଓଡ଼ିଶାରେ ଶୁଖିଲା ପାଗ ସହ ସର୍ବାଧିକ ତାପମାତ୍ରା ବୌଦ୍ଧ ରେ ୩୮.୦୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱର ୩୫.୬ ଓ କଟକରେ ୩୪.୫ ତାପମାତ୍ରା ରେକର୍ଡ କରାଯାଇଛି ।

## ୧୮ ମିଲ ମାଲିକଙ୍କ ବିରୁଦ୍ଧରେ ହୋଇଛି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୬/୩ (ନି.ପ୍ର): ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ସମୟରେ ଧାନ କିଣାରେ ଅନିୟମିତତା ଯୋଗୁଁ ୧୮ଜଣ ମିଲ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖକରିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମିଲ ମାଲିକଙ୍କ ମଧ୍ୟରୁ ୩ଜଣ ମାଲିକଙ୍କୁ ସାମୟିକ ଭାବେ ବାରଣ କରାଯାଇଥିଲା । ଜଣେ ମିଲ ମାଲିକଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ଖାଦ୍ୟ ଦ୍ରବ୍ୟ ଆଇନ ୧୯୫୫ ନିୟମାନୁସାରେ ମାମଲା ରୁଜୁ କରାଯାଇଛି ଏବଂ ଜଣେ ମିଲ ମାଲିକଙ୍କ ଚଳିତ ଖରିଫ ଋତୁରେ ଧାନ କିଣାପାଇଁ ହୋଇଥିବା ଚୁକ୍ତିନାମା ସମାପ୍ତି କରାଯାଇଛି । ଅବଶିଷ୍ଟ ୧୩ଜଣ ମିଲ ମାଲିକଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି । ନୂଆପଡାର ଅନ୍ନପୂର୍ଣ୍ଣା ରାଇସ ମିଲ ନାମରେ ମାମଲା ରୁଜୁ ହୋଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଥିବା ସାଲସାର ଆଗ୍ରୋ ପ୍ରଡକ୍ଟର ଚୁକ୍ତିନାମା ସମାପ୍ତ କରାଯାଇଛି। ସେହିଭଳି ସମ୍ବଲପୁର ଜିଲ୍ଲାରେ ଥିବା ଏସଆଇପି ରାଇସ ଇଣ୍ଡଷ୍ଟ୍ରିଜକୁ ଚଳିତ ଖରିଫ ଋତୁରେ ସାମୟିକ ଭାବେ ବାରଣ କରାଯାଇଛି । କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ମିଲ ମଧ୍ୟରେ ନୟାଗଡ ଜିଲ୍ଲାର ୫ଟି ମିଲ ଥିବାବେଳେ ପୁରୀର ଗୋଟିଏ ଏବଂ କେନ୍ଦ୍ରାପଡାର ୯ଟି ମିଲ ରହିଛି ।

## ଦାମୀ ଘଂଟା ଚୋରି ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର, ୨୬/୩ (ନି.ପ୍ର): କମିଶନରେଟ୍ ପୋଲିସ୍ ହାତରେ ଧରା ପଡିଛନ୍ତି ୩ ଲୁଟେରା। ବ୍ରାଣ୍ଡେଡ୍ ଘଂଟା କିଣିବା ବାହାନା କରି ଲୁଟୁଥିବା ଅଭିଯୋଗରେ ସହିଦ ନଗର ଥାନା ପୋଲିସ୍ ସେମାନଙ୍କୁ ଗିରଫ କରିଛି। ଧରା ପଡିଥିବା ତିନି ଯୁବକ ବି ଫାର୍ମା ଛାତ୍ର ହୋଇଥିବା ଜଣାପଡିଛି। ସେମାନଙ୍କ ନିକଟରୁ ଘଂଟା ଓ ଚଷମା ଜବତ କରାଯାଇଛି। ସୂଚନା ଅନୁଯାୟୀ ୩ ଅଭିଯୁକ୍ତ ଯୁବକ ଘଂଟା କିଣିବାକୁ ଦୋକାନ ଦୋକାନ ବୁଲୁଥିଲେ। ଘଂଟା ଦେଖିବାର ବାହାନା କରି ସେଲ୍ସମ୍ୟାନକୁ ଅନ୍ୟମନସ୍କ ଥିବାବେଳେ ହେଲମେଟ ଭିତରେ ଘଂଟା ନେଇ ଫେରାର ମାରୁଥିଲେ। ପଟିଆ , ସହିଦ ନଗର , ଲିଙ୍ଗରାଜ, ଖଣ୍ଡଗିରି , କ୍ୟାପିଟାଲ. ନୟାପଲ୍ଲୀର ଥାନା ଅଂଚଳରେ ଥିବା ବିଭିନ୍ନ ଦୋକାନରୁ ସେମାନେ ଲୁଟ କରିଛନ୍ତି ।

## ମହଙ୍ଗା ହେବ ଏଟିଏମରୁ ଟଙ୍କା ଉଠାଣ: ଫ୍ରି ଲିମିଟ୍ ପରେ ପ୍ରତି ଥର ପାଇଁ ଗଣିବେ ୧୯ ଟଙ୍କା


ନୂଆଦିଲ୍ଲୀ, ୨୬/୩ : ମେ'ରୁ ମହଙ୍ଗା ହେବ ଏଟିଏମରୁ ଟଙ୍କା ଉଠାଣ। ଅନ୍ୟ ବ୍ୟାଙ୍କରୁ ଉଠାଣ ଲାଗି ଥିବା ଫ୍ରି ଲିମିଟ୍ ପରେ ପ୍ରତି ଆର୍ଥିକ କାରବାର ପାଇଁ ଗ୍ରାହକ ଗଣିବେ ଅତିରିକ୍ତ ୨ ଟଙ୍କାକୁ ମିଶାଇ ୧୯ ଟଙ୍କା। ଏମିତିକି ଏଟିଏମରେ ବାଲାନ୍ସ ଚେକ୍ ପାଇଁ ଏଣିକି ୬ ଟଙ୍କା ବଦଳରେ କଟିବ ୭ ଟଙ୍କା। ଏନପିସିଆଇର ସୁପାରିଶକ୍ରମେ ଏଟିଏମ ଇଣ୍ଟରଚେଞ୍ଜ ଫି' ବୃଦ୍ଧିକୁ ଜଇଓର ଅନୁମୋଦନ ପରେ ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ। ବାରମ୍ବାର ଏଟିଏମରୁ ଟଙ୍କା ଉଠାଉଛନ୍ତି କି ? ଏବେଠୁ ହୋଇଯାଆନ୍ତୁ ସଜାଗ। ନହେଲେ ମେ' ପହିଲାରୁ ଏଥିପାଇଁ ଗଣିବାକୁ ପଡ଼ିପାରେ ଅଧିକ ଅର୍ଥ। କାରଣ ଏଟିଏମ ଇଣ୍ଟରଚେଞ୍ଜ ଫି' ବୃଦ୍ଧିକୁ



ଅନୁମୋଦନ କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ। ଏହି ନିଷ୍ପତ୍ତି ଅନୁସାରେ, ମେ' ୧ରୁ ନିଜ ଆକାଉଣ୍ଟ ଥିବା ବ୍ୟାଙ୍କର ଏଟିଏମ ବ୍ୟତୀତ ଅନ୍ୟ ବ୍ୟାଙ୍କର ଏଟିଏମରୁ ମାସକୁ ୫ ଥରର ଫ୍ରି ଉଠାଣ ସୀମା ବାଦ୍ ପ୍ରତିଥର ଟଙ୍କା ଉଠାଣ ପାଇଁ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଅତିରିକ୍ତ ୨ ଟଙ୍କା ଅର୍ଥାତ୍ ୧୯ ଟଙ୍କା। ପୂର୍ବରୁ ଏହା ୧୭ ଟଙ୍କା ରହିଥିଲା। ସେହିପରି ଇଞ୍ଜଗ ଜରିଆରେ ବାଲାନ୍ସ ଚେକ୍ ବା ମିନି ଷ୍ଟେଟମେଣ୍ଟ ଭଳି ଅଣନଗଦ କାରବାର ପାଇଁ ପୂର୍ବରୁ ୬ ଟଙ୍କା କଟୁଥିବା ବେଳେ ଏଣିକି ୭ ଟଙ୍କା ଦେବାକୁ ପଡ଼ିବ। ଏବେ ପ୍ରଶ୍ନ, କାହିଁକି ଏଟିଏମ ଇଣ୍ଟରଚେଞ୍ଜ ଫି' ବଢ଼ାଇଲା ଆରବିଆଇ। ପୂର୍ବତନ ଆରବିଆଇ ଅଧିକାରୀଙ୍କ ମତରେ, ୨୦୨୧ ଜୁନ୍ ପରଠାରୁ ଏଟିଏମ ଇଣ୍ଟରଚେଞ୍ଜ ଫି' ବଢ଼ିନି। ଏପଟେ ଏଟିଏମ ସେବା ଯୋଗାଣ ସହ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଢେର୍ ବଢ଼ିଛି। ଏଣୁ ଏଟିଏମ୍ ଇଣ୍ଟରଚେଞ୍ଜ ଫି' ବୃଦ୍ଧି ଲାଗି ବ୍ୟାଙ୍କଗୁଡ଼ିକ ଦାବି କରିଆସୁଥିଲେ। ସେମାନଙ୍କ ଦାବିକୁ ଗ୍ରହଣ କରି ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ବା ଏନପିସିଆଇ ଏଟିଏମ୍ ଇଣ୍ଟରଚେଞ୍ଜ ଫି' ବଢ଼ାଇବାକୁ ଆରବିଆଇକୁ ସୁପାରିଶ କରିଥିଲା, ଯାହାକୁ କେନ୍ଦ୍ରୀୟ ବ୍ୟାଙ୍କ ଅନୁମୋଦନ କରିଛି। ତେବେ କିଏ ସହିବ ଏଟିଏମ କାରବାର ଫି' ବୃଦ୍ଧିର ଏ ବୋଝ ? ▶▶ପୃଷ୍ଠା ୭

## କୁନାଲ କାମ୍ରାଙ୍କୁ ୫ଶହ ଥର ହତ୍ୟା ଧମକ

ନୂଆଦିଲ୍ଲୀ, ୨୬/୩ : ଆପତ୍ତିଜନକ ଟିପ୍ପଣୀ ପାଇଁ ଉଠୁଛିପଡୁଛି ମହାରାଷ୍ଟ୍ର । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ପରୋକ୍ଷରେ ଦେଶଦ୍ରୋହୀ କହିବା ଘଟଣାକୁ ନେଇ ତୁମ୍ଭିତୋଫାନ ଦେଖାଦେଇଛି । ସେପଟେ କୁନାଲ କାମ୍ରାଙ୍କୁ ଏବେ ସୁଦ୍ଧା ୫ଶହ ଥରରୁ ଅଧିକ ଧମକ ମିଳିଥିବା ସେ ନିଜେ ପ୍ରକାଶ କରିଛନ୍ତି । ସିନ୍ଦେଙ୍କ ସମର୍ଥକମାନେ ତାଙ୍କୁ ଖୁଲମଖୁଲା ଧମକ ଦେବା ସହ କମେଡିଆନଙ୍କୁ ଛଡାଯିବନି ବୋଲି ଚେତାବନୀ ଦେଇଛନ୍ତି । ସେପଟେ ମୁମ୍ବାଇରେ ନଥିବା କହି ପୁଲିସ ନିକଟରେ ହାଜର ହେବାକୁ ୭ଦିନର ସମୟ ମାଗିଛନ୍ତି କୁନାଲ । ବୁଧବାର କମେଡିଆନଙ୍କ ନାଁରେ ୩ଟି ଏଫଆଇଆର ରୁଜୁ କରାଯାଇଛି।



ସେପଟେ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇଛି ମହାଯୁତି ସରକାର ।ମଙ୍ଗଳବାର ରାତିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଭେଟିଛନ୍ତି। ତେବେ ଅଜିତ କହିଛନ୍ତି ଏଭଳି ଭୁଲ କ୍ଷମା ଯୋଗ୍ୟ ନୁହେଁ, ଏହା ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ



ରାଉରକେଲା,୨୬/୩ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ମାର୍ଚ୍ଚ ୨୪ ତାରିଖରେ କଏଲ୍ ଓଜନ ଏବଂ ସ୍ଲାବ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ୯,୪୨୭ ଟନ୍ କଏଲ୍ ରୋଲିଂ ପୂର୍ବକ ୨୦୨୩ ଅକ୍ଟୋବର ୩୦ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯,୩୭୨ ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ଏହା ସହିତ, ଏଚଏସଏମ-୨ ବିଭାଗ ୯,୬୩୮ ଟନ୍ ସ୍ଲାବ୍ ରୋଲିଂ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ୨୦୨୩ ଅକ୍ଟୋବର ୩୦ ତାରିଖରେ ରେକର୍ଡ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୯,୬୧୪ ଟନ୍‌କୁ ଅତିକ୍ରମ କରିଛି। ପିପିସି, ଇଏମଡ଼ି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉତ୍କୃଷ୍ଟ ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମୂହିକ ଏବଂ ନେତୃତ୍ୱ ସହିତ ସମସ୍ତ ସମ୍ପୃକ୍ତ ବିଭାଗକୁ ଅଭିନନ୍ଦନ ଜଣାଇ, ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ସେମାନଙ୍କୁ ଏହି ଉତ୍କର୍ଷ ଧାରା ବଜାୟ ରଖିବା ସହ ଏପରି ଅଧିକ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଛନ୍ତି।

# ଜିଆଖତ ଚାଷ ଓ ଏହାର ଲାଭକୁ ନେଇ ତାଲିମ୍ କାର୍ଯ୍ୟକ୍ରମ

ମାଲକାନଗିରି,୨୬/୩ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବନାଚଂଳ ସଭାକକ୍ଷ ଠାରେ କାଲିମେଲା ଓ ମୋଟୁ ବନାଚଂଳର ବନ ସୁରକ୍ଷା ସମିତି ସଭ୍ୟଙ୍କୁ ଆଜି ଜିଆଖତ ଚାଷ ଓ ଏହାର ଲାଭକୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱରରୁ ଆସିଥିବା ଗ୍ରାମୀଣ ଉତ୍ପାଦନ ବ୍ୟବସାୟିକ ସଂସ୍ଥାର ନିର୍ଦ୍ଦେଶକ ପ୍ରଫୁଲ୍ଲ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କିଭଳି ମାତ୍ର ୪ ହଜାର ଟଙ୍କା ଜିଆଖତରେ ବିନିଯୋଗ କରି ବାର୍ଷିକ ୪୦ ହଜାର ଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଏହାସହ ଆବର୍ଜନା ଓ ଗୋବରରୁ ଜିଆଖତ ପ୍ରସ୍ତୁତି ପ୍ରଣାଳୀ ବାବଦରେ କହିବା ଏବଂ ଜିଆଖତ ଗୁଡିକ କିପରି ଜମିର ଉର୍ବରତା ବଢ଼ିବାରେ ସହାୟକ ହୋଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟପକ୍ଷରେ ରାସାୟନିକ ସାର ବ୍ୟବହାରକୁ ପରିଣାମ ଓ ଏହାଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ରୋଗ ଓ ସଂକ୍ରମଣ ବାବଦରେ ବୁଝାଇଥିଲେ । ଶେଷରେ ଜିଆଖତ ଅମଳ ପରେ ସେଗୁଡ଼ିକ ଏଜେନ୍ସି ମାଧ୍ୟମରେ ବିକ୍ରି କରିବା ପାଇଁ ସୁବିଧା ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏବଂ ଏହି ପ୍ରଶିକ୍ଷଣରେ ଯୋଗଦେଇଥିବା ୪୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କୁ ଜିଆଖତ ପ୍ରସ୍ତୁତି ପାଇଁ ଆବଶ୍ୟକ କିଟବ୍ୟାଗ ବଂଟନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୁ କାଲିମେଲା ବନପାଳ ମୃତ୍ୟୁଞ୍ଜୟ ସେଠି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଲିମେଲା ଓ ମୋଟୁ ବନାଚଂଳର ବହୁ ବନପାଳ ଓ ବନରକ୍ଷୀ ଉପସ୍ଥିତ ରହିଥିବା ବେଳେ ସହଯୋଗୀ ଏନଜିଓ ସୃଷ୍ଟି ର କର୍ମକର୍ତ୍ତା ଟିମ ଲିଡ଼ର ବି. ଶ୍ରୀନିବାସ ପାତ୍ର, ମୋଟୁ ଟିମ ଲିଡ଼ର ଅଭିମନ୍ୟୁ ନାୟକ, ଡିଇଓ ସୁବ୍ରତ ସ୍ୱାଇଁ, ଏନ. ରବି କୁମାର ଓ ପଲାସ ବିଶ୍ୱାସ ଉପସ୍ଥିତ ରହିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜୈବପ୍ରଯୁକ୍ତି ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ବାରିପଦା ,୨୬/୩ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଜୈବପ୍ରଯୁକ୍ତି ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । 'ବାୟୋଟେକ୍ନୋଲଜି ଫର ଏ ବେଟର ଟୁମୋରୋ' ଶୀର୍ଷକ ଏହି ସମ୍ମିଳନୀକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ବିଶ୍ୱସ୍ତରୀୟ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସ୍ଥାୟୀ ଜୈବପ୍ରଯୁକ୍ତିବିଦ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସାଂପ୍ରତିକ ସମସ୍ୟା ଗୁଡ଼ିକ ଉପରେ ଗବେଷଣା କରିବାକୁ ନବପିଢ଼ିର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନ ବିବେକାନନ୍ଦ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନର ଜଣେ ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫେସର ନୃସିଂହ ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୈବପ୍ରଯୁକ୍ତିବିଦ୍ୟା ଗବେଷଣାରେ ଆନ୍ତଃଶାଖାଗତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ଉପନିର୍ଦ୍ଦେଶକ (ବୈଷୟିକ) ଡକ୍ଟର ଶଶିକାନ୍ତ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡିଶାର ଜୈବପ୍ରଯୁକ୍ତି ଗବେଷଣାର ବିଭିନ୍ନ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବାରେ ସରକାରଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଦୃଢ଼ ଶିଳ୍ପ-ଶିକ୍ଷା ସହଭାଗୀତା ପାଇଁ ଆହ୍ୱାନ କରିଥିଲେ । ସମ୍ମିଳନୀର ଆବାହକ ବିଭାଗୀୟ ମୁଖ୍ୟ ପ୍ରଫେସର ବିଶ୍ୱଜିତ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମିଳନୀର କାର୍ଯ୍ୟକାରୀ ସମ୍ପାଦକ ପ୍ରଫେସର ସୁକାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ଥାଇଲାଣ୍ଡ ବ୍ୟାଙ୍କକ୍‌ର ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ପ୍ରଫେସର ଅଭିଷେକ ଦତ୍ତ ଓ ଦେଶ ବିଦେଶରେ ପ୍ରାୟ ୨୨ ଜଣ ନିମନ୍ତ୍ରିତ ବକ୍ତା ଗବେଷଣା ଉପସ୍ଥାପନା କରୁଛନ୍ତି । ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

## ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଚମ୍ପୁଆ,୨୬/୩ (ନି.ପ୍ର): ଚମ୍ପୁଆ ଏନଏସି ଅନ୍ତର୍ଗତ ଧରଣୀଧର ନଗର ଭବନ ଠାରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ସୂଚନା ଓ ଲୋକ ସଂପର୍କ ବିଭାଗ ଅଧିକାରୀ ବିଜୟ ନାଏକଙ୍କ ତତ୍ତ୍ୱାବଧାନରେ ଓଡିଶା ଦିବସ ପାଳନ କମିଟି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତହସିଲଦାର ସଜ୍ଜତ ମାର୍କେ, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଡାକ୍ତର ଧର୍ମପଦ ଦାସ ମହାପାତ୍ର, ଅତିରିକ୍ତ ବି.ଡି.ଓ. ଚୁନୁ ହାଁସଦା, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାନୁଷ୍ଠାନର ମୁଖ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଗାମୀ ଓଡିଶା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ବିଜୟ ନାଏକଙ୍କ ତରଫରୁ ପ୍ରକାଶ ଚନ୍ଦ୍ର କୁଣ୍ଡୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଓଡିଶା ଦିବସ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ଉପସ୍ଥାପନା କରିଥିଲେ। ଓଡିଶା ଦିବସ ଏପ୍ରିଲ ୧ ତାରିଖରେ ସକାଳ ୪.୩୦ରେ ସହରରେ ବନ୍ଦେ ଉତ୍କଳ ଜନନୀ ପ୍ରସାର କରାଯିବା ସହ ସକାଳ ୭ ଟାରେ ସହରରେ ପ୍ରତିଷ୍ଠିତ ବରପୁତ୍ରଙ୍କ ପ୍ରତିମୂର୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବ।

# କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ଜରୁରୀ ବୈଠକ



ବାଲେଶ୍ୱର,୨୬/୩ (ନି.ପ୍ର): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣାକେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସଂପର୍କରେ କହିଥିଲେ। ପୂର୍ବ ବୈଠକରେ ସ୍ଥିର ହୋଇଥିବା ଅପ୍ରେଲ୍ ୧୩ରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀ ସ୍ଥଗିତ ରଖାଗଲା ବୋଲି ପ୍ରକାଶ କରିଥିଲେ ଓ ତାହା ପରବର୍ତ୍ତୀ ବୈଠକରେ ସ୍ଥିର କରାଯିବ। ଆଜିକାର ବୈଠକରେ କେତେକ ପ୍ରସ୍ତାବ ଯଥା ବାଲେଶ୍ୱରର ସମସ୍ତ ବିଧାୟକ ଦଳମତ ନିର୍ବିଶେଷରେ ସରକାରଙ୍କୁ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯିବ। ଆୟୁଷ ହସପିଟାଲ୍ ସହ ଆୟୁଷ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଦାବି କରିବାକୁ ପ୍ରସ୍ତାବ ଦିଆଯିବ। ପୂର୍ବ ସାଧାରଣ ନିର୍ବାଚନରେ ସଂସଦ ଓ ଜିଲ୍ଲାର ସମସ୍ତ ବିଜୟୀ ଓ ପ୍ରାର୍ଥୀ ନିର୍ବାଚନ ଇସ୍ତାହାରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ ଉଲ୍ଲେଖ କରିଥିଲେ ଓ ତାହାକୁ ସରକାର ସାକାର କରିବା ପାଇଁ ସମସ୍ତେ ଚେଷ୍ଟିତ ହେବା ସମୟ ଆସିଛି ବୋଲି ଉପସ୍ଥିତ ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ସଭ୍ୟ ମହେଶ୍ୱର ପଣ୍ଡା ଆଞ୍ଚଳିକ କମିଟିର ଏକ ବୈଠକ ସୋର ଠାରେ ଆସନ୍ତା ତା ୩୦-୦୩-୨୦୨୫ ରିଖରେ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଆଗାମୀ ମାସ ପ୍ରଥମ ସପ୍ତାହରେ ମାନ୍ୟବର ସାଂସଦକୁ ଭେଟି ଏ ସଂପର୍କରେ ଆଲୋଚନା କରିବା ପାଇଁ ସ୍ଥିର ହେଲା। ଆଞ୍ଚଳିକ କମିଟି ରେମୁଣା ଓ ଜଳେଶ୍ୱରରେ ଶୀଘ୍ର ବୈଠକ କରିବା ପାଇଁ ଅନୁରୋଧ କରାଯିବ। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରବୋଧ କୁମାର ପାତ୍ର, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ରାଉତ, ଅଭୟ କୁମାର ଲେଙ୍କା, କମଳାକାନ୍ତ ଜେନା, ଡା. ତାରାକାନ୍ତ ନନ୍ଦ, ରବିନାରାୟଣ ମହାଲିକ, ସୀତାରାମ ପ୍ରଧାନ, ଅପର୍ଣ୍ଣା ମହାପାତ୍ର, ସଂଯୁକ୍ତା ବେହେରା, ରବି କୁମାର ପାଣିଗ୍ରାହୀ ଏବଂ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଶେଷରେ ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ସେଲ ଏବଂ ମ୍ୟାକିନ୍ସି ଆଣ୍ଡ୍ କମ୍ପାନୀ ଇଣ୍ଡିଆ ଏଲଏଲପି ମଧ୍ୟରେ ସହଭାଗିତା




ରାଉରକେଲା,୨୬/୩ (ନି.ପ୍ର): ଭାରତର ମହାରତ୍ନ ରାଷ୍ଟ୍ରାୟତ ଇସ୍ପାତ ଉତ୍ପାଦକ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ), କମ୍ପାନୀରେ ଏକ ବ୍ୟାପକ ଡିଜିଟାଲ୍ ପରିବର୍ତ୍ତନ କାର୍ଯ୍ୟକ୍ରମର ନେତୃତ୍ୱ ନେବା ପାଇଁ ମାର୍ଚ୍ଚ ୨୪ ତାରିଖରେ ମ୍ୟାକକିନ୍ସି ଆଣ୍ଡ କମ୍ପାନୀ ଇଣ୍ଡିଆ ଏଲଏଲପି ସହିତ ଏକ ରଣନୈତିକ ଚୁକ୍ତି ସ୍ୱାକ୍ଷର କରିଛି। ସେଲ ଡିଜିଟାଲ୍ ରୂପାନ୍ତରଣ ପାଇଁ ପରାମର୍ଶଦାତାଙ୍କ ନିୟୋଜନ ନିମନ୍ତେ ଏହି ସହଭାଗିତା କାର୍ଯ୍ୟକ୍ଷମ ଦକ୍ଷତା, ଗ୍ରାହକ ଅଭିଜ୍ଞତା ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଚୁକ୍ତିନାମା ବ୍ୟବସାୟିକ ପ୍ରକ୍ରିୟାଗୁଡ଼ିକୁ ଆଧୁନିକୀକରଣ କରିବା, କାର୍ଯ୍ୟ ଦକ୍ଷତାକୁ ସର୍ବଶ୍ରେଷ୍ଠ ଗଢିବା ଏବଂ ଏକ ବର୍ଦ୍ଧିତ ଡିଜିଟାଲ୍ ଦୃଶ୍ୟପଟରେ ସ୍ଥାୟୀ ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟ ରଖିଛି ଯାହା ସେଲକୁ ଅତ୍ୟାଧୁନିକ ଡିଜିଟାଲ୍ କ୍ଷମତାଗୁଡ଼ିକୁ ଏକୀକୃତ କରିବାକୁ ସକ୍ଷମ କରିବ ଏବଂ ଏହା ନିଶ୍ଚିତ କରିବ ଯେ କମ୍ପାନୀ ପ୍ରତିଯୋଗିତାମୂଳକ ରହିବ ଏବଂ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ମୂଲ୍ୟ ପ୍ରଦାନ କରିବ। ସେଲଖ ଏବଂ ମ୍ୟାକକିନ୍ସି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ପାଇଁ ଏକାଠି କାମ କରିବେ। ଡିଜିଟାଲ୍ ରୂପାନ୍ତରଣ ପ୍ରକଳ୍ପ ଖଣି ଠାରୁ ଆରମ୍ଭ କରି ମାର୍କେଟିଂ ପର୍ଯ୍ୟନ୍ତ ପ୍ରକ୍ରିୟା ମୂଲ୍ୟ ଶୃଙ୍ଖଳର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେବ, ସୁରକ୍ଷା ଏବଂ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଅଭିନବ ସମାଧାନଗୁଡ଼ିକର ସୁଗମ ସମନ୍ୱୟକୁ ସୁନିଶ୍ଚିତ କରିବ ଏବଂ ୩ ବର୍ଷର ସମୟସୀମା ସହିତ ବାର୍ଷିକ ୧୦୦୦କୋଟି ଟଙ୍କାର ମୂଲ୍ୟ ପ୍ରାପ୍ତିର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବ।

# ଆଜିଠାରୁ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ

ଜୟପୁର,୨୬/୩ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତା ଛଟେଇ ବନ୍ଦ ଓ ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତି, ନିୟମିତ ଦରମା ପ୍ରଦାନ ତଥା ଡେଲି ୱାଇଜ ଓ ଆଉଟ ସୋରସିଂ କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ଦାବିରେ ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ତରଫରୁ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କୋରାପୁଟ ଜିଲାର ବିଭିନ୍ନ ସରକାରି କାଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରି ମାନେ ଆଜି ଠାରୁ ୨୧ ତାରିଖ ଯାଏଁ କଳା ବେଜ ପିନ୍ଧି କାର୍ଯ୍ୟାଳୟ ଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରିଥିଲେ । ଏ ଦିଗରେ ସରକାରଙ୍କ ତରଫରୁ ସକାରାତ୍ମକ ପଦକ୍ଷେପ ନିଆଯାଇନଥିବାରୁ ୨୬ ମାର୍ଚ୍ଚ ଦିନ ଭୁବନେଶ୍ୱର ଲୋଅର ପିଏମ୍‌ଜି ଠାରେ ବିଶାଳ ଗଣ ବିକ୍ଷୋଭ କରାଯିବାକୁ ସ୍ଥିର କରାଯାଉଛି । ରାଜ୍ୟ ସଂଘ ତରଫରୁ ଦିଆଯାଇଥିବା ଡ଼ାକରାରେ ଜିଲ୍ଲାରୁ ହଜାରରୁ ଉର୍ଦ୍ଧ୍ୱ ଆଉଟସୋର୍ସିଂ କର୍ମଚାରୀ ଏହି ଗଣ ବିକ୍ଷୋଭରେ ସାମିଲ ହେବାକୁ ଭୁବନେଶ୍ୱର ଗସ୍ତ କରିଛନ୍ତି । ବିଗତ କିଛି ବର୍ଷ ହେଲା ଲଗାତାର ଭାବେ ଆଉଟସୋରସିଂ କର୍ମଚାରୀ ମାନେ ନିଜ ଦାବି ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରି ଆସୁଛନ୍ତି । ପୂର୍ବରୁ ବିଜେଡ଼ି ସରକାର ଅଳ୍ପ କିଛି ଦାବି ପୂରଣ କରିବା ସହ ୨୫% ଦରମା ବୃଦ୍ଧି କରିଥିଲେ ।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଲୁହର ରଙ୍ଗ'




ପାରାଦ୍ୱୀପ ,୨୬/୩ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ୬ଷ୍ଠ ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ ଦେଓଗଡ଼ର କଳାକାର ମାନେ ସୁଜିତ୍ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ଓଡ଼ିଆ ନାଟକ ଲୁହର ରଙ୍ଗ । ସ୍ତ୍ରୀକୁ ହରାଇଥିବା ଜଣେ ପ୍ରବୀଣ ଚିତ୍ରକର ରାଇମୋହନ ପ୍ରାୟତଃ ରଙ୍ଗ ଓ ତୂଳୀ ଛାଡ଼ି ଦେଇ ହାତରେ ମଦ ବୋତଲ ଧରି ଅକାଳରେ ବିଧବା ହୋଇଥିବା ଝିଅର ଶାଶୁ ଘରୁ ଅପ୍ରତ୍ୟାଶିତ ଫେରିବା ଦେଖି ନିରାଶ ହୋଇଛନ୍ତି । ସେ ସର୍ବଦା ତାଙ୍କ ବିଧବା ଝିଅ କଳ୍ପନାଙ୍କ ଭଙ୍ଗା ଜୀବନକୁ ପୁନଃସ୍ଥାପନ କରିବା ଓ ତାଙ୍କ ଝିଅକୁ ଏକ ଉପଯୁକ୍ତ ଜୀବନସାଥି ଯୋଗାଇବା ବିଷୟରେ ଚିନ୍ତା କରନ୍ତି । ଏହି ସମୟରେ ଯୁବ ଚିତ୍ରଶିଳ୍ପୀ ଅବିନାଶ ଗୁରୁ ରାଇମୋହନଙ୍କ ପରିବାର ସଂସ୍ପର୍ଶରେ ଆସନ୍ତି ଓ ଅବିନାଶ ଏବଂ କଳ୍ପନା ପ୍ରେମରେ ପଡି ଯାଆନ୍ତି । ଅବିନାଶ ତାଙ୍କ ବନ୍ଧୁ ଅଭିଷେକ ସମ୍ମୁଖରେ ଗୁପ୍ତ ଭାବରେ ତାଙ୍କ ପ୍ରେମ ସମ୍ବନ୍ଧରେ ପ୍ରକାଶ କରନ୍ତି । ଅଭିଷେକ ଏହି କଥା ରାଇମୋହନଙ୍କୁ କହି ପାରିଲେ ନାହିଁ । ଏହି ସମୟରେ ରାଇମୋହନଙ୍କ ପଡୋଶୀ ପ୍ରବଚକ ଦିଲୀପ ବାବୁ ତାଙ୍କ ସାନ ଝିଅକୁ ମାତୃତ୍ୱର ସ୍ନେହ ପ୍ରଦାନ କରିବା ପାଇଁ କଳ୍ପନାଙ୍କୁ ବିବାହ କରିବାକୁ ରାଜି ହୁଅନ୍ତି । ଅବିନାଶଙ୍କ ହୃଦୟ ଭାଙ୍ଗି ଯାଏ ଓ ସେ ହତାଶାରେ ଭୁବନେଶ୍ୱର ଚାଲି ଯାଆନ୍ତି । ସେ ତାଙ୍କ ଚିତ୍ରକଳା ପାଇଁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପୁରସ୍କାର ପାଆନ୍ତି । ତା ପରେ ପରିସ୍ଥିତି ଭିନ୍ନ ମୋଡ଼ ନିଏ । ଦିଲୀପ ବାବୁ ଚାକିରିରୁ ଇସ୍ତଫା ଦିଅନ୍ତି ଏବଂ ଝିଅ ମିନିର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ସେ ବୃନ୍ଦାବନ ଚାଲିଯାଆନ୍ତି । ଏପରି ଏକ ଗମ୍ଭୀର ସମୟରେ କଳ୍ପନା ସମସ୍ତଙ୍କୁ ହରାଇ ନିରାଶ ହୋଇ ଆତ୍ମହତ୍ୟା କରନ୍ତି । ଅବିନାଶ ରାଇମୋହନଙ୍କ ଝିଅ ସହିତ ତାଙ୍କର ସମ୍ପର୍କ ବିଷୟରେ ତାଙ୍କର ପୂର୍ବ କଳ୍ପିତ ଉଦ୍ଦେଶ୍ୟ ପ୍ରକାଶ କରନ୍ତି । ରାଇମୋହନ ଶୁଣି ଦୁଃଖିତ ହୁଅନ୍ତି ଓ ଲୁହରେ ଦାଗ ହୋଇଥିବା ବ୍ରସ୍ ଅବିନାଶଙ୍କୁ ଦିଅନ୍ତି । ସେ ତାଙ୍କୁ କଳ୍ପନାଙ୍କ କପାଳରେ ସିନ୍ଦୂର ଲଗାଇବାକୁ ଅନୁମତି ଦିଅନ୍ତି । ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ବାନ୍ଧି ରଖିଥିଲା । ଅତିଥି ଭାବେ ଯୋଗଦାନ କରି ବନ୍ଦରର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ, ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ସାହୁ କଳାକାରମାନଙ୍କୁ ସମ୍ମାନିତ କରିଥିଲେ । ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର ମଞ୍ଚନ କରିବେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ - ୨୦୨୫ ପାଳିତ




ବଡ଼ସାହି ୨୫/୩ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ବାରିପଦା ଓ ସଂକଳ୍ପ, କୁଳିଅଣା ଅଲୁକୁଲ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ମିଳନୀ କକ୍ଷ ରେ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ୨୦୨୫ ପାଳିତ ହୋଇଯାଇଛି । ସଂକଳ୍ପ ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ମଂଚାସୀନ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ପୂର୍ବତନ ଡି ସି ଡ଼ି ଆର ଏଫର ସଭାପତି ନରେନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଶୁଭ ଉଦଘାଟନ କରି ଥିଲେ। ଏ ସି ଏଲ ଏମ, ବାରିପଦାର ରାଜକିଶୋର ମଲ୍ଲିକ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ ସମ୍ପର୍କ ରେ ସୂଚନା ପ୍ରଦାନ. କରିଥିବା ବେଳେ ସ୍ୱର୍ଦା ର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ମଞ୍ଚ ପରିଚାଳନା କରି ଥଲେ। ମୁଖ୍ୟ ବକ୍ତା ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସାଗରୀକା ସିଂ, ଡ଼ିସିଡ଼ି ଆରସିର ମେମ୍ବର ଜୀବନକୃଷ୍ଣ ବେହେରା, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ , ବାରିପଦାର ଦୀପକ କୁମାର ମାଝୀ, ସମାଜ ସେବୀ କବି ବିଷ୍ଣୁ ଶତପଥୀ,ମହିଳା ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ଆସିଷ୍ଟାଣ୍ଟ ପ୍ରଫେସର ଚନ୍ଦ୍ରକାନ୍ତ ଦାସ, ରେଡକ୍ରସ ପରାମର୍ଶ ଦାତ୍ରୀ ତପସ୍ୱିନୀ ନାଏକ, ଜ୍ଞାନଦୀପ କଲେଜ ର ଅଧ୍ୟକ୍ଷ ଅଶୋକ କୁମାର ସାହୁ, ସଂକଳ୍ପର ସଭାପତି ଆମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟିର ଭୂମିକା ଓ ଅଧିକାର, ଅନ ଲାଇନ କ୍ରୟ, ଖାଉଟି ବିବାଦର ପ୍ରତିକାର ବ୍ୟବସ୍ଥା, ଅବସ୍ଥାନ୍ତର ଓ ସାମଗ୍ରିକ ଲାଇଫଷ୍ଟାଇଲ ସମ୍ବନ୍ଧୀୟ ଉପାଦେୟ ସୂଚନା ପ୍ରଦାନ କରିଥିଲେ । ମହିଳା କଲେଜର ଷ୍ଟାଫ, ଛାତ୍ରୀମାନେ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ଖାଉଟି ସୁରକ୍ଷା ଓ ସଚେତନତା ର ବାର୍ତ୍ତା ପାଇଁ ବ୍ଲକ ସ୍ତରୀୟ କର୍ମଶାଳା ଆୟୋଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ସଂକଳ୍ପର ସମ୍ପାଦକ ସୂଚନା ଦେଇଥିଲେ । ମହିଳା ମହାବିଦ୍ୟାଳୟ ର ଜାତୀୟ ସେବା ସଂସ୍ଥା ର ପ୍ରକଳ୍ପ ଯଂଯୋଜକ ଯମୁନା ମାଝୀ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଫୋର୍ଡ଼ ର ସନ୍ତୋଷ କୁମାର ଖଣ୍ଡା ଓ ସଂକଳ୍ପର ପୁଷ୍ପଲତା ନାଏକ, ଜିତେନ୍ଦ୍ର ନାଏକ କାର୍ଯ୍ୟକ୍ରମ କୁ ଆୟୋଜନରେ ସହଯୋଗ କରିଥିଲେ ।

# ପଂଜାବରେ ହେବ ଡ୍ରଗ୍ସ ଜନଗଣନା: ବଜେଟରେ ମାନ ସରକାରଙ୍କ ଘୋଷଣା

ଚଣ୍ଡିଗଡ,୨୬/୩: ପଂଜାବ ସରକାର ରାଜ୍ୟରେ ପ୍ରଥମ ଥର ଡ୍ରଗ୍ସ ଜନଗଣନା କରାଇବେ । ପଂଜାବର ଅର୍ଥମନ୍ତ୍ରୀ ହରପାଲ ସିଂହ ଚିମା ବୁଧବାର ବିଧାନସଭାରେ ଆମ୍ ଆଦମୀ ପାର୍ଟି ସରକାରର ଚତୁର୍ଥ ବଜେଟ୍ ଉପସ୍ଥାପନ କରି ଏହି ଘୋଷଣା କରିଛନ୍ତି । ଏହି ଗଣନା ମାଧ୍ୟମରେ ପଂଜାବ ସରକାର ରାଜ୍ୟର ପ୍ରତି ଘରେ ନିଶା କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବେ ଏବଂ ସେ କେବେ ଠାରୁ ଏବଂ କିଭଳି ନିଶା କରୁଛନ୍ତି ତା ସଂପର୍କରେ ଜାଣିବେ ।
ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଏହି ଗଣନା ମାଧ୍ୟମରେ ରାଜ୍ୟରେ ନିଶା କରୁଥିବା ଲୋକଙ୍କ ଡାଟା ଏକତ୍ର କରି ତାଙ୍କୁ ନିଶାରୁ ବାହାର କରିବା ପାଇଁ ଯୋଜନା କରାଯିବ । ପଂଜାବ ସରକାର ଡ୍ରଗ ଜନଗଣନା କରିବା ପାଇଁ ୧୫୦ କୋଟି ଟଙ୍କାର ବଜେଟର ପ୍ରାବଧାନ ରଖିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୨୭ ମାର୍ଚ୍ଚ ୨୦୨୫

## ଧାରାବାହିକ:

ଭାଗ-୪୬

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ। ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୫ମ ଅଧ୍ୟାୟ**

**॥ ଅମ୍ବରୀଷ ଉପାଖ୍ୟାନ( ୨ )ଦୁର୍ବାସାଙ୍କ ଦୁଃଖ ନିବୃତ୍ତି ॥**

ମହର୍ଷି ଦୁର୍ବାସା ଭଗବାନ ବିଷ୍ଣୁଙ୍କର ନିର୍ଦ୍ଦେଶ କ୍ରମେ ଅତ୍ୟନ୍ତ ମର୍ମାହତ ହୋଇ ଅମ୍ବରୀଷଙ୍କ ଚରଣ ଧାରଣ କରିବାରୁ ରାଜା ଲଜ୍ଜିତ ହୋଇ ଚକ୍ରରାଜଙ୍କୁ ସ୍ତୁତି କରି କହିଲେ ହେ ବିଷ୍ଣୁ ଆୟୁଧ, ତୁମେ ଏହି ଅନୁତପ୍ତ ବ୍ରାହ୍ମଣଙ୍କର ମଙ୍ଗଳ ବିଧାନ କର । ରାଜାଙ୍କର ସ୍ତୁତି ଫଳରେ ସୁଦର୍ଶନ ଶାନ୍ତ ଓ ଅନ୍ତର୍ହିତ ହେଲେ । ଦୁର୍ବାସା ରାଜା ଅମ୍ବରୀଷଙ୍କୁ ଆଶୀର୍ବାଦ ଦେବା ସହ କହିଲେ, ମୁଁ ଆଜି ହରିଭକ୍ତିର ମହିମା ସ୍ୱୟଂ ପ୍ରତ୍ୟକ୍ଷ କଲି । ମୁଁ ତୁମକୁ ଈର୍ଷା କରୁଥିଲେ ମଧ୍ୟ ତୁମେ ମୋ ପ୍ରତି ହିଂସାଚରଣ ନକରି ଅନୁଗ୍ରହ ପ୍ରଦର୍ଶନ କରି ପ୍ରାଣ ରକ୍ଷାକଲ । ତୁମର ଏହି ମହିମା, ବିଷ୍ଣୁଭକ୍ତି ବିଶ୍ୱବିଖ୍ୟାତ ହେବ । ଏହାପରେ ଅଭୁକ୍ତ ରାଜା ମହର୍ଷିଙ୍କର ଚରଣଧାରଣ ପୂର୍ବକ ତାଙ୍କୁ ପ୍ରସନ୍ନ କରାଇ ଭୁରି ଭୋଜନ ଦ୍ୱାରା ଆପ୍ୟାୟିତ କଲେ । ଭଗବାନଙ୍କର ଏହି କରୁଣା ମନେ ପକାଇ ରାଜା ପୁଲକିତ ହେଲେ ଓ ଲୋତକ ବିଗଳିତ ହେଲା । କର ଯୋଡି ସେ ଭଗବାନଙ୍କୁ ପ୍ରଣିପାତ କଲେ । ଯେଉଁମାନେ ଏହି ଚରିତ ଭକ୍ତି ପୂର୍ବକ ଶ୍ରବଣ କରିବେ ସେମାନେ ମୃତ୍ୟୁପରେ ମୁକ୍ତଲାଭ କରିବେ ।

**୬ଷ୍ଠ ଅଧ୍ୟାୟ**

**॥ ମାନ୍ଧାତା ଓ ସୌଭରୀ ଋଷିଙ୍କ ଚରିତ ॥**

ଶ୍ରୀ ଶୁକଦେବ କହିଲେ, ରାଜା ଅମ୍ବରୀଷଙ୍କର ତିନି ପୁତ୍ର ମଧ୍ୟରୁ ରଥୀତର ନାମକ ଜଣେ ପୌତ୍ରର ସନ୍ତାନ ନହେବାରୁ ସେ ମହର୍ଷି ଅଙ୍ଗିରାଙ୍କ ଦ୍ୱାରା ଶତପୁତ୍ର ଉତ୍ପାଦନ କରାଇଥିଲେ । ଏହି ପୁତ୍ରମାନେ ରଥୀତରଙ୍କ କ୍ଷେତ୍ରରେ ଅଙ୍ଗିରାଙ୍କ ଔରସରୁ ଜନ୍ମଲାଭ କରିଥିବାରୁ କ୍ଷତ୍ରିୟ ଗୋତ୍ରାନ୍ୱିତ ଅଙ୍ଗୀରସୀ ବ୍ରାହ୍ମଣ ବୋଲାଇଲେ । ମନୁଙ୍କର ଘ୍ରାଣେନ୍ଦ୍ରିୟରୁ ଜାତ ପୁତ୍ର ଇକ୍ଷ୍ୱାକୁଙ୍କର ଏକଶତ ପୁତ୍ର ଜାତ ହୋଇଥିଲେ । ତନ୍ମଧ୍ୟରୁ ବିକୁକ୍ଷି ନାମକ ଜଣେ ପୁତ୍ର ପିତୃ ଆଜ୍ଞା ଲାଭ କରି ଶ୍ରାଦ୍ଧ ନିମିତ୍ତ ପଶୁମାଂସ ଆହରଣ ପାଇଁ ବନକୁ ଯାଇ କ୍ଷୁଧାବଶତଃ କିଛି ଭକ୍ଷଣ କରି ଅବଶିଷ୍ଟ ଆଣି ପିତାଙ୍କୁ ଅର୍ପଣ କଲେ । ପିତା ସେହି ମାଂସରେ ଶ୍ରାଦ୍ଧ କରିବାରୁ ବଶିଷ୍ଠ ତାହା ଦୂଷିତ ବୋଲି କହିବାରୁ ପିତା ବିକୁକ୍ଷିଙ୍କୁ ନିର୍ବାସିତ କଲେ । ପିତାଙ୍କ ଅନ୍ତେ ରାଜ୍ୟକୁ ଫେରି ରାଜା ହୋଇ ଏକ ବଡ ଯଜ୍ଞର ଆୟୋଜନ କରି ଭଗବାନଙ୍କୁ ସନ୍ତୁଷ୍ଟ କଲେ । ଏହାଙ୍କର ପୁତ୍ର ପୁରଞ୍ଜନ ଖୁବ ବୀରଥିଲେ । ଦେବତାମାନେ ଅସୁରମାନଙ୍କ ଦ୍ୱାରା ପରାସ୍ତ ହେବାରୁ ବିଷ୍ଣୁ ନିର୍ଦ୍ଦେଶରେ ଦେବରାଜ ଇନ୍ଦ୍ର ବୃଷଭ ରୂପରେ ପୁରଞ୍ଜନଙ୍କ ବାହନ ହୋଇଥିଲେ । ସେହି ବାହନ ଚଢି ପୁରଞ୍ଜନ ଅସୁରମାନଙ୍କ ସହ ଯୁଦ୍ଧକରି ସେମାନଙ୍କୁ ପରାସ୍ତ କରି ଇନ୍ଦ୍ରଙ୍କୁ ସ୍ୱର୍ଗ ପ୍ରତ୍ୟାର୍ପଣ କରିଥିଲେ । ଏହାଙ୍କ ବଂଶଧର ରାଜା ଯୁବନାଶ୍ୱ ନିଃସନ୍ତାନ ଥିବାରୁ ପୁତ୍ର ନିମନ୍ତେ ଯଜ୍ଞ କଲେ ମାତ୍ର ତୃଷିତ ଥିବା ସମୟରେ ଯଜ୍ଞ ପାଇଁ ଉଦ୍ଦିଷ୍ଟ କଳସୀରୁ ମନ୍ତ୍ରପୂତ ଜଳକୁ ପାନ କରିବାରୁ ତାଙ୍କ ଗର୍ଭରୁ ଚକ୍ରବର୍ତ୍ତୀ ଲକ୍ଷଣଯୁକ୍ତ ପୁତ୍ରଟିଏ ଜାତ ହେଲା । ସେ ସ୍ତନ୍ୟପାନ ପାଇଁ ରୋଦନ କରିବାରୁ ଇନ୍ଦ୍ର ତାଙ୍କର ଅମୃତମୟ ତର୍ଜନୀ ବାଳକର ପାଟିରେ ପ୍ରଦାନ କଲେ । ସେହି ବାଳକର ନାମ ହେଲା ମାନ୍ଧାତା । ସେ ଏକାଙ୍ଗ ଚକ୍ରବର୍ତ୍ତୀ ହୋଇ ସସାଗରା ପୃଥିବୀ ପାଳନ କଲେ ଓ ବହୁ ଯାଗଯଜ୍ଞ କଲେ । ତାଙ୍କର ପଚାଶ ଦୂହିତା ହେଲେ । ଦିନେ କାଳନ୍ଦୀ ନଦୀ କୂଳରେ ତପସ୍ୟାରତ ସୌଭରି ଋଷି କ୍ରୀଡା କରୁଥିବା ରୋହିତ ମତ୍ସ୍ୟକୁ ପରିବାର ସହ ଦେଖି ସଂସାର ପ୍ରତି ଆକର୍ଷିତ ହୋଇ ଗୃହସଂସାର କରିବାକୁ ମନ ବଳାଇ ରାଜା ମାନ୍ଧାତାଙ୍କୁ ଗୋଟିଏ କନ୍ୟା ପ୍ରଦାନ କରିବାକୁ ପ୍ରାର୍ଥନା କଲେ । ରାଜା ତାଙ୍କୁ ସ୍ୱୟମ୍ବର ବିଧାନରେ କନ୍ୟା ଗ୍ରହଣ କରିବାକୁ କହିବାରୁ ମୁନି ଭାବିଲେ ତାଙ୍କର ଶ୍ଳଥ ଚେହେରା, ପକ୍ୱକେଶକୁ କିଏ କନ୍ୟା ବା ପସନ୍ଦ କରିବ ଏଣୁ ସେ ଯୋଗଶକ୍ତି ବଳରେ ଏକ ସୁନ୍ଦର ତରୁଣର ରୂପ ଧାରଣ କରି ରାଣୀ ହଂସପୁରକୁ ପ୍ରବେଶ କରନ୍ତେ ପଚାଶ ଜଣ ଯାକ କନ୍ୟା ତାଙ୍କୁ ବିବାହ କରିବାକୁ ଚାହିଁଲେ ଏବଂ ନିଜ ମଧ୍ୟରେ କଳହରେ ବ୍ୟାପୃତ ହେଲେ । ରାଜା ଋଷିଙ୍କର ଏଭଳି ଶକ୍ତି ଦେଖି ପଚାଶଜଣ ଯାକ କନ୍ୟାକୁ ତାଙ୍କ ସହ ବିବାହ କରାଇଦେଲେ । ମୁନି ମଧ୍ୟ ଯୋଗବଳରେ ସମସ୍ତଙ୍କ ନିମନ୍ତେ ଭବନ, ଉପବନ, ସରୋବର ଓ ବିଳାସପୂର୍ଣ୍ଣ ସାମଗ୍ରୀ ଯୋଗାଇଦେଇ ଆନନ୍ଦରେ କାଳ କାଟିଲେ । କିଛି ଦିନପରେ ତାଙ୍କର ଜ୍ଞାନୋଦୟ କାରଣରୁ ସେ ଅନୁତପ୍ତ ହେଲେ ଓ ସମସ୍ତ ଭୋଗବିଳାସ ପରିତ୍ୟାଗ କରି ବନ ଗମନ ପୂର୍ବକ କଠୋର ତପସ୍ୟାକରି ମୁକ୍ତିଲାଭ କଲେ । ତାଙ୍କ ପତ୍ନୀଗଣ ମଧ୍ୟ ମୁନିଙ୍କର ତପୋ ଫଳରେ ସଦଗତି ପ୍ରାପ୍ତ ହେଲେ ।

**୭ମ ଅଧ୍ୟାୟ**

**॥ ରାଜା ତ୍ରିଶଙ୍କୁ ଓ ହରିଶ୍ଚନ୍ଦ୍ର କଥା ॥**

ମାନ୍ଧାତାଙ୍କ ବଂଶରୁ ତ୍ରିଶଙ୍କୁ ଜନ୍ମ ହୋଇ ପିତାଙ୍କ ଦ୍ୱାରା ଅଭିଶାପ ପାଇ ଚାଣ୍ଡାଳତ୍ୱ ପ୍ରାପ୍ତ ହୋଇଥିଲେ ହେଁ ଋଷି ବିଶ୍ୱାମିତ୍ରଙ୍କ ଅନୁଗ୍ରହରୁ ସଶରୀରେ ସ୍ୱର୍ଗକୁ ଗମନ କରିଥିଲେ । ମାତ୍ର ଦେବତାମାନେ ତାଙ୍କୁ ସ୍ୱର୍ଗ ପୂରାଇ ନଦେବାରୁ ଅଧୋମୁଖ ହୋଇ ଭୂତଳକୁ ଖସିପଡିବାବେଳେ ବିଶ୍ୱାମିତ୍ର ତାଙ୍କୁ ତପଃ ବଳରେ ଅନ୍ତରୀକ୍ଷରେ ରକ୍ଷା କରିଥିଲେ ଯାହା ଅଦ୍ୟପି ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ଆକାଶସ୍ଥିତ ହୋଇ ରହିଛନ୍ତି । ତ୍ରିଶଙ୍କୁଙ୍କ ପୁତ୍ର ହରିଶ୍ଚନ୍ଦ୍ର । ହରିଶ୍ଚନ୍ଦ୍ରଙ୍କ ପାଇଁ ଦୁଇ ଋଷି ବଶିଷ୍ଠ ଓ ବିଶ୍ୱାମିତ୍ର ପରସ୍ପରକୁ ଅଭିଶାପ ଦେବା ଫଳରେ ବହୁବର୍ଷ ଯାଏଁ ପକ୍ଷୀରୂପ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରିଥିଲେ । ବିଶ୍ୱାମିତ୍ରଙ୍କ ପୁତ୍ର ନଥିବାରୁ ନାରଦଙ୍କ ନିର୍ଦ୍ଦେଶ କ୍ରମେ ପୁରୁଷମେଧ ଯଜ୍ଞ କରିବାକୁ ମନସ୍ଥ କରି ବରୁଣ ଦେବତାଙ୍କୁ ଆରାଧନା କରିବାରୁ ରୋହିତ ନାମକ ପୁତ୍ର ଜନ୍ମ ନେଲା । ଦିନେ ବରୁଣ ଦେବ ଆସି ରାଜାଙ୍କୁ ମାନସିକ ଯଜ୍ଞ କରିବାକୁ କହି ସେଥିରେ ରୋହିତକୁ ଯଜ୍ଞପଶୁଭାବେ ଅର୍ପଣ କରିବାକୁ ବାଧ କଲେ । ରାଜା କହିଲେ ତାର ଦଶଦିନ କର୍ମ ଯାଉ, ପରେ ଦାନ୍ତ ଉଠୁ, ପୁଣି ବଡ ହୋଇ କ୍ଷତ୍ରିୟ ସୁଲଭ କବଚ ଧାରଣ କରୁ ଏହିଭଳି କହି କାଳକ୍ଷପଣ ନୀତି ଧାରଣ କଲେ । ରୋହିତ ମଧ୍ୟ ବଡ ହେବାକୁ ଲାଗିଲା ଏବଂ ବରୁଣ ଦେବଙ୍କ ଦାବୀ ସମ୍ପର୍କରେ ଜାଣିବାକୁ ପାଇଲା ତେଣୁ ବନକୁ ଚାଲିଯାଇ ସ୍ୱୟଂ ନିଜର ପ୍ରାଣରକ୍ଷା ନିମିତ୍ତ ଧନୁ ଧାରଣ କଲା । ଦିନେ ଶୁଣିବାକୁ ପାଇଲା ଯେ ତାର ପିତା ବରୁଣଙ୍କ ଅଭିଶାପ ଫଳରେ ସ୍ଫୀତୋଦର ରୋଗାକ୍ରାନ୍ତ ହୋଇ କଷ୍ଟ ଭୋଗୁଛନ୍ତି ଏଣୁ ସେ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଦେବରାଜ ଇନ୍ଦ୍ର ତାକୁ ବାରଣ କରି ତୀର୍ଥ ଭ୍ରମଣରେ ପଠାଇଦେଲେ । ବହୁ ତୀର୍ଥ ଭ୍ରମଣ କରି ଶେଷରେ ଅଜୀଗର୍ତ୍ତଙ୍କର ମଧ୍ୟମ ପୁତ୍ର ଶୁନଃସେଫଙ୍କୁ ଯଜ୍ଞପଶୁ ରୂପେ ଅର୍ପଣ କରିବାକୁ କ୍ରୟକରି ପିତାଙ୍କୁ ସମର୍ପଣ କଲେ । ବିଶ୍ୱାମିତ୍ରଙ୍କ ଅନୁଗ୍ରହରେ ଶୁନଃସେଫ ମଧ୍ୟ ମୁକ୍ତି ପାଇଲେ । ଯଜ୍ଞାନୁଷ୍ଠାନ ପୂର୍ଣ୍ଣ କରି ହରିଶ୍ଚନ୍ଦ୍ର ଜଳୋଦରୀ ରୋଗରୁ ମୁକ୍ତିପାଇଲେ ।

**୮ମ ଅଧ୍ୟାୟ**

**॥ ସଗର ଚରିତ ॥**

ହରିଶ୍ଚନ୍ଦ୍ରଙ୍କର ବଂଶଧର ରାଜା ବାହୁକଙ୍କର ମୃତ୍ୟୁ ସମୟରେ ତାଙ୍କର ରାଣୀ ସହ ଗମନ କରିବାକୁ ଇଚ୍ଛା କରନ୍ତେ ସେ ଗର୍ଭବତୀ ଥିବାରୁ ଋଷିମାନେ ବାରଣ କଲେ । ତାଙ୍କର ସପତ୍ନୀମାନେ ଈର୍ଷ୍ୟାନ୍ୱିତା ହୋଇ ତାଙ୍କୁ କୌଶଳରେ ବିଷ ପାନ କରାଇଥିଲେ ହେଁ ସେହି ସତୀନାରୀ ଗରଳପାନ କରି ମଧ୍ୟ ପୁତ୍ର ସନ୍ତାନଟିଏ ଜନ୍ମ ଦେଲେ ଯାହାର ନାମ ହେଲା ସଗର । ସେ ଜଣେ ଯଶସ୍ୱୀ ସମ୍ରାଟ, ବର୍ବର ଜାତିମାନଙ୍କୁ ପ୍ରାଣରେ ନମାରି କାହାକୁ ଲଣ୍ଡିତ ମୁଣ୍ଡ, ଅର୍ଦ୍ଧ ଲଣ୍ଡିତ ବା ବିକୃତ ବେଶ କରି ଛାଡି ଦେଇଥିଲେ । ସଗର ରାଜା ଅଶ୍ୱମେଧ ଯଜ୍ଞ କରିବା ସମୟରେ ଇନ୍ଦ୍ର ଭୟଭୀତ ହୋଇ ତାଙ୍କ ଯଜ୍ଞାଶ୍ୱକୁ ଚୋରାଇନେଲେ । ପିତାଙ୍କ ନିର୍ଦ୍ଦେଶରେ ପୁତ୍ରମାନେ ଅଶ୍ୱ ଖୋଜିବାକୁ ଯାଇ ପୃଥିବୀରେ ସର୍ବତ୍ର ଖୋଳି ପକାଇଲେ । ଇନ୍ଦ୍ର ଏହି ପୁତ୍ରମାନଙ୍କର ବଧ କାମନା କରି ଯାଜ୍ଞାଶ୍ୱକୁ ଧ୍ୟାନରତ ଭଗବାନ କପିଳଙ୍କ ନିକଟରେ ଛାଡି ଦେଇଗଲେ । ସଗରପୁତ୍ରଗଣ ଖୋଜୁଥିବା ସମୟରେ ଅଶ୍ୱକୁ ମୁନିଙ୍କ ନିକଟରେ ଦେଖି ଏହି ଚୋରି କରି ଆଣିଛି ଭାବି ତାଙ୍କୁ ଯନ୍ତ୍ରଣା ଦେବାରୁ କପିଳ ମୁନିଙ୍କର ଧ୍ୟାନଭଙ୍ଗ ହେଲା ଓ ସେ ଚକ୍ଷୁ ଖୋଲି ଚାହିଁବା ମାତ୍ରେ ତାଙ୍କ ଚକ୍ଷୁରୁ ଅନଳ ବାହାରି ସମସ୍ତ ପୁତ୍ରମାନଙ୍କୁ ଭସ୍ମ କଲା । ସଗରଙ୍କ ପୁତ୍ର ଅଂଶୁମାନ ପିତାମହଙ୍କ ଆଦେଶରେ ଅଶ୍ୱ ଅନ୍ୱେଷଣରେ ଯାଇ ଭଗବାନ କପିଳଙ୍କ ତପସ୍ୟା ସ୍ଥଳରେ ଭଗ୍ନସ୍ତୁପ ଓ ଯଜ୍ଞାଶ୍ୱ ଉଭୟ ଦେଖିବାକୁ ପାଇ ସ୍ୱୟଂ ବିଷ୍ଣୁଅଂଶୀ କପିଳଙ୍କ ପାଦତଳେ ପ୍ରଣାମ କରିସ୍ତୁତିପାଠ କଲେ । ସ୍ତୁତିରେ କପିଳ ସନ୍ତୁଷ୍ଟ ହେବାରୁ ଅଶ୍ୱ ଫେରାଇଦେବା ସହ ଦଗ୍ଧ ହୋଇଥିବା ପୁତ୍ରମାନଙ୍କ ଉପରେ ଗଙ୍ଗାଜଳ ପ୍ରବାହିତ ହେଲେ ମୁକ୍ତ ହେବେ ବୋଲି କହିଲେ । ସଗର ନିଜର ଅଶ୍ୱ ପାଇ ଯଜ୍ଞ ସମାପନ କଲେ ଓ ଅଂଶୁମାନଙ୍କୁ ରାଜ୍ୟ ଅର୍ପଣକରି ତପଶ୍ଚରଣ ଦ୍ୱାରା ମୁକ୍ତି ପ୍ରାପ୍ତ ହେଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଆନନ୍ଦର ସଂରକ୍ଷଣ



ଶ୍ୱେତା ରାଉତ୍


'ମୋ ପୁଅ ଆମେରିକାରେ ଗୋଟେ ବଡ ଫ୍ଲାଟ୍ କିଣିଛି, ମାସକୁ ତିନି ଲକ୍ଷ ଦରମା ପାଉଛି। ବୋହୂ ବି ଗୋଟେ ବଡ କମ୍ପାନୀରେ ମ୍ୟାନେଜର ଅଛି, ନାତି ଟୋକା ଯୋଉ ପାଠ ପଢୁଛି, ଇଂଲିଶରେ ତାର ଯୋଉ କଥା କିଛି ଆମକୁ ବୁଝି ଆସୁନି, ଗାଁକୁ ଆସିଲେ କୋଉଠି ହେଲେ ଟିକେ ବସୁନି, ତାକୁ ସବୁଆଡେ ଅପରିଷ୍କାର ଲାଗୁଛି ବୋଲି କଣ ଗୋଟେ ଇଂଲିଶରେ କହୁଛି,ପୁଅ ମୋତେ ବୁଝେଇ ଦଉଛି'। ପୁଅ, ବୋହୂ, ନାତି ନାତୁଣୀ କଥା କହିଲାବେଳେ କୁରୁଳି ଉଠୁଥିବା ମଣିଷ ମୁହଁରୁ ସମୟ କ୍ରମେ କେମିତି ଧିରେ ଧିରେ ହସ ଉଭେଇ ଯାଏ ଆପଣମାନେ ଅନେକ ସ୍ଥାନରେ ଦେଖିଥିବେ। ଏମିତି ଅନେକ ବାପା ମାଆ ଅଛନ୍ତି ପରିବା, ସଉଦା ଟିକେ ଆଣିଦେବା ପାଇଁ ଯା ତା ପାଖରେ ଖୋସାମତ କରୁଥିବେ, ଦେହ ଖରାପ ହେଲେ କାହାକୁ ଅନୁରୋଧ କରୁଥିବେ ଗାଡ଼ିରେ ଟିକେ ଡାକ୍ତର ପାଖକୁ ନେଇଯିବାକୁ, ନିଜ ଘରେ ଟିଭି, ଫ୍ରିଜ୍ ଖରାପ ହେଲେ ଅନ୍ୟ ଦୁଆରେ ବସିଥିବେ କିଏ ଟିକେ ସଜାଡି ଦେଉ, ଗୋଡ଼ ହାତ ବଥା ହେଲେ ଆପେ ଆପେ ବାମ୍ ଲଗେଇ ଘଷି ହୋଇପଡିବେ ଅଥଚ ପୁଅ ବୋହୂଙ୍କୁ ନେଇ ଫୁଟାଣି ଗପ ଗପିବା ଛାଡ଼ିବେ ନାହିଁ। ଯଦି ଆପଣ କହିଦେବେ 'କାହିଁକି ହଇରାଣ ହଉଛନ୍ତି, ପୁଅ ପାଖକୁ ଚାଲି ଯାଉନାହାନ୍ତି'? ପୁଅ କେବେ ଯିବାକୁ କହିନଥାଉ ପଛେ ସେ ସଙ୍ଗେ ସଙ୍ଗେ କହିବେ 'ପୁଅ ସବୁବେଳେ କହୁଛି ବାପା ମା ଚାଲ ମୋ ପାଖରେ ରହିବ, ଯିବାକୁ ଜିଦି କରୁଛି ହେଲେ ଆମକୁ କଣ ବିଦେଶରେ ଭଲ ଲାଗିବ! ସେଥିପାଇଁ ଆମେ ମନା କରୁଛୁ'।

ଯେତେବେଳେ ଦୂରରେ ଥିବା ପୁଅ ନିଜ କର୍ମମୟ ଜୀବନ ଓ ସଂସାର ସହ ବ୍ୟସ୍ତ ରହି ବାପା ମାଆଙ୍କୁ ଭୁଲିବା ଆରମ୍ଭ କରେ, ସେତେବେଳେ ବୃଦ୍ଧ ବାପା ମାଆ ନିଶ୍ୱ ଅସହାୟ ହୋଇ ନିଜ ଭିତରେ ଚାପି ହୋଇ ଯାଆନ୍ତି ଓ ତାଙ୍କୁ ଯଦି ବୟସ୍କ ବ୍ୟକ୍ତି ବୋଲି କେହି ସ୍ନେହ ସମ୍ମାନରେ ପଦେ କଥା ହୋଇଯାଆନ୍ତି, ତା'ପରେ ସେ ଲୋକର ବଞ୍ଚିବା ମୁସ୍କିଲ, ସବୁ କାମ ତା ମାଧ୍ୟମରେ ଉଠାଇବାକୁ ଚେଷ୍ଟା କରନ୍ତି ଯାହା ତାଙ୍କ ପୁଅ କରିବା କଥା। ନିଜର ଏକାକୀପଣ କାଟିବାକୁ ଯାହାକୁ ନାହିଁ ତାକୁ ଅସମୟରେ ବି ଫୋନ କରି ଗପିବାକୁ ଇଚ୍ଛା ରଖନ୍ତି, ସେ ବୁଝନ୍ତି ନାହିଁ ଅନ୍ୟଜଣେ କେଉଁ ପରିସ୍ଥିତିରେ ଥିବ, ସୁସ୍ଥ କି ଅସୁସ୍ଥ ଥିବ, ସୁଖରେ କି ଦୁଃଖରେ ଥିବ ଅବା କିଛି ଜରୁରୀ କାମରେ ଥିବ କିମ୍ବା କେଉଁ ମେଡିକାଲରେ ଚିକିତ୍ସିତ ହେଉଥିବ! କାହାର କେତେ ସମସ୍ୟା ଆମକୁ ଜଣାନଥାଏ, କେହି କାହିଁକି ବି କାହାକୁ ନିଜର ସୁଖ ଦୁଃଖ ଜଣାଇବ!ଯଦି ଜଣେ ଫୋନ୍ ଉଠାଉ ନାହିଁ, ତାକୁ ବାରମ୍ବାର ଫୋନ୍ କରି ବିରକ୍ତ କରିବା ଅନୁଚିତ୍,ଜଣେ କଥା ହେବାକୁ ଆଗ୍ରହ ଦେଖାଉ ନାହିଁ ତ ବୁଝିଯିବା ଉଚିତ୍ ସେ କେଉଁ ପରିସ୍ଥିତିରେ ଥିବ। ନଚେତ୍ ନିଜ ପରିବାର ଲୋକଙ୍କୁ ଫୋନ୍ କରି ଗପିନେବା ଉଚିତ୍। ନିଜ ପିଲାଙ୍କୁ ବାହାରକୁ ଛାଡ଼ି, ପିଲାଙ୍କ ପ୍ରଶଂସା ଗାଇ ଗାଇ ଅନ୍ୟର ପିଲାମାନଙ୍କୁ ସାହାଯ୍ୟ ମାଗିବା, ଅନ୍ୟ କାହା ସହ ଗପି କାହାର ମୂଲ୍ୟବାନ ସମୟ ନଷ୍ଟ କରିବା ଆଦୌ ଉଚିତ୍ ନୁହେଁ। ପିଲାଙ୍କୁ ବିଦେଶ ପଠାଇବା ପୂର୍ବରୁ ନିଜର ନିସଂଗ ବାର୍ଦ୍ଧକ୍ୟ କଥା ନିଶ୍ଚୟ ଥରେ ମନେ ପକାଇବା ଉଚିତ୍।

ଯେତେବେଳେ ବୟସ ଥାଏ, ଆପେ ଚଳିଯିବାର ବିଶ୍ୱାସ ଥାଏ, ରୋଜଗାର ଥାଏ, ସମାଜରେ ନିଜକୁ ପ୍ରତିଷ୍ଠିତ ଦେଖାଇବାକୁ ଯାଇ ଅନେକ ଲୋକ ନିଜ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ବିଦେଶ ପଠାଇ ଦିଅନ୍ତି। ସାହି, ପଡିଶା, ହାଟ,ବଜାର ସବୁଆଡେ ନିଜ ପିଲାର ଯୋଗ୍ୟତା, ପାରଦର୍ଶିତା କଥା ଗାଇ ବୁଲନ୍ତି ଓ ଅନ୍ୟ ଆଗରେ କହି ଦେଇ ନିଜେ ଖୁବ୍ ଖୁସି ହୁଅନ୍ତି, ଯେତେବେଳେ ବୟସ ଚାଲିଯାଏ,ପର ପିଲା ଉପରେ ନିର୍ଭର କରି ଜୀବନ କାଟନ୍ତି, ଟଙ୍କା ପଇସା ଦେଇ ଆସବାବର ଆରାମ କିଣାଯାଇ ପାରେ, କିନ୍ତୁ ଆନନ୍ଦ କୌଣସି ବଜାରରେ କୌଣସି ଅର୍ଥ ବିନିମୟରେ ମିଳେନାହିଁ। ତେଣୁ ଆରାମ, ଅହଙ୍କାର ଓ ଆନନ୍ଦ ଯା ଭିତରେ କୋଉଟା ଜୀବନରେ ଦରକାର ତାର ସଂରକ୍ଷଣ କରିବା ଉଚିତ୍।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଏସବୁ କାମ ନ କଲେ ଲାପଟପ ଦେବ ଧୋକା



ପାଠପଢ଼ାଠାରୁ ଆରମ୍ଭ କରି ଅଫିସ୍ କାମ ପର୍ଯ୍ୟନ୍ତ, ଲାପଟପ୍ ଅନେକ ଆବଶ୍ୟକତା ପୂରଣ କରେ। ଅନେକ ଲୋକ ଏହାକୁ କାମ ଏବଂ ମନୋରଞ୍ଜନ ପାଇଁ ବ୍ୟବହାର କରନ୍ତି। ଯେଉଁମାନେ ଅଫିସ ଯାଆନ୍ତି, ସେମାନେ ପାଇଁ ଫୋନ ପରି ଲାପଟପ୍ ମଧ୍ୟ ସାଙ୍ଗରେ ନେଇଥାନ୍ତି । ଏପରି ପରିସ୍ଥିତିରେ, ଲାପଟପକୁ ଅଧିକ ଦିନ ପର୍ଯ୍ୟନ୍ତ ଠିକଠାକ ରଖିବା ପାଇଁ କିଛି ଟିପ୍ସ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଟିପ୍ସଗୁଡ଼ିକ ବିଷୟରେ ଜାଣନ୍ତୁ।

ଲାପଟପକୁ ବାହ୍ୟ କ୍ଷତିରୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ, ଲାପଟପ୍ ଭିତରେ ବହୁତ ସୂକ୍ଷ୍ମ ଉପାଦାନ ଅଛି, ଯାହା ଏକ ବଡ଼ ଆଘାତ ଯୋଗୁଁ କ୍ଷତିଗ୍ରସ୍ତ ହୋଇପାରେ। ଏପରି ପରିସ୍ଥିତିରେ, ବାହ୍ୟ କ୍ଷତିକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ତେଣୁ, ଯଦି ଆପଣ ଯାତ୍ରା କରିବା ସମୟରେ ଲାପଟପ୍ ଇତ୍ୟାଦି ସାଙ୍ଗରେ ରଖୁଛନ୍ତି, ତେବେ ଏଥିପାଇଁ ଏକ ଭଲ ଗୁଣବତ୍ତାର ବ୍ୟାଗ୍ ରଖିବା ଗୁରୁତ୍ୱପୂର୍ଣ୍ଣ।


କିଛି ଲୋକ କାମ କରିବା ସମୟରେ ଭୁଲବଶତଃ ଲାପଟପରେ ଚା, ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ଢାଳି ଦିଅନ୍ତି। ଏହା ଲାପଟପର ଆଭ୍ୟନ୍ତରୀଣ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଇପାରେ। ତେଣୁ, ଲାପଟପ୍ ଠାରୁ ଯେକୌଣସି ପ୍ରକାରର ତରଳ ପଦାର୍ଥ ଦୂରରେ ରଖନ୍ତୁ। ଅଧିକ ଗରମ ହେବା ଦ୍ୱାରା ଲାପଟପର ବ୍ୟାଟେରୀ ପ୍ରଭାବିତ ହୁଏ। ଗରମ ତାପମାତ୍ରାରେ ନିରନ୍ତର କାମ କରିବା ଦ୍ୱାରା ବ୍ୟାଟେରୀ କ୍ଷମତା ହ୍ରାସ ପାଏ। ତେଣୁ, ଆପଣଙ୍କ କାର୍ଯ୍ୟସ୍ଥଳର ତାପମାତ୍ରାକୁ ସର୍ବଦା ଥଣ୍ଡା ରଖନ୍ତୁ। ଏଥିପାଇଁ, କୁଲିଂ ପ୍ୟାଡ୍ ବ୍ୟବହାର କରାଯାଇପାରିବ।

ମାଲୱେର୍ ଏବଂ ଭାଇରସ୍ ଡାଟା ଚୋରି କରିବା ସହିତ ଲାପଟପ୍ ?ର କାର୍ଯ୍ୟଦକ୍ଷତାକୁ ଧୀର କରିପାରେ। ଭାଇରସ ଯୋଗୁଁ, ଲାପଟପ୍ ହଠାତ୍ କାମ କରିବା ବନ୍ଦ କରିଦେଇପାରେ କିମ୍ବା ଏହା ହ୍ୟାକର୍ସଙ୍କୁ ଆପଣଙ୍କ ବ୍ୟକ୍ତିଗତ ତଥ୍ୟର ଆକ୍ସେସ୍ ଦେଇପାରେ। ତେଣୁ, ଲାପଟପ୍ ?କୁ ଭାଇରସ୍ ଏବଂ ମାଲୱେର୍ ଠାରୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ।

କିଛି ଲୋକ ୱିଣ୍ଡୋଜ୍ ଅପଡେଟ୍ କିମ୍ବା ସୁରକ୍ଷା ଅପଡେଟ୍ ଅଣଦେଖା କରନ୍ତି। ଲାପଟପ୍ କିମ୍ବା ମୋବାଇଲ୍ ସମେତ ଯେକୌଣସି ଡିଭାଇସ୍ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଏହି ଅପଡେଟ୍ ଆବଶ୍ୟକ। ତେଣୁ, ନିୟମିତ ଭାବରେ ଆପଣଙ୍କ ଡିଭାଇସକୁ ଅପଡେଟ୍ କରିରଖନ୍ତୁ। ଏହା କେବଳ ନୂତନ ବୈଶିଷ୍ଟ୍ୟ ପ୍ରଦାନ କରେ ନାହିଁ, ଏହା କ୍ଷତିର ଆଶଙ୍କାକୁ ମଧ୍ୟ ହ୍ରାସ କରେ।

# ଏସବୁ ରକ୍ତ ଗ୍ରୁପ୍ ଲୋକେ ବୁଦ୍ଧିଆ: ତାଲିକାରେ ଅଛନ୍ତି କି ଆପଣ !

ପ୍ରାୟତଃ ଲୋକଙ୍କ ବ୍ୟକ୍ତିତ୍ୱ ଏବଂ ଲୁକ୍ ଦେଖି ସେମାନଙ୍କର ବୁଦ୍ଧିମତା ବିଚାର କରାଯାଇଥାଏ। ସଭିଏଁ ଚାହିଁଥାନ୍ତି ଯେ, ତାଙ୍କ ମସ୍ତିଷ୍କ ପ୍ରଖର ହେଉ। ରକ୍ତ ଗ୍ରୁପ୍ ଦ୍ୱାରା ମଣିଷ ବୁଦ୍ଧିଆ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଗବେଷଣା ଆଧାରରେ ଏହା ଜଣାପଡ଼ିଛି। କେତେକ ନିର୍ଦ୍ଦିଷ୍ଟ ରକ୍ତ ଗ୍ରୁପ୍ ବ୍ୟକ୍ତିଙ୍କର ମସ୍ତିଷ୍କ କମ୍ପ୍ୟୁଟରଠାରୁ ଅଧିକ ତୀକ୍ଷ୍ଣ ଏବଂ ପ୍ରଖର ହୋଇଥାଏ। ୧. 'ବି' ପଜିଟିଭ୍ ରକ୍ତ ଗ୍ରୁପ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଦ୍ୱାରା




କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ସମସ୍ତ ରକ୍ତ ଗ୍ରୁପ୍ ମଧ୍ୟରୁ,
'ବି' ପଜିଟିଭ୍ ରକ୍ତ ଗ୍ରୁପ୍ ଥିବା ଲୋକଙ୍କ ମସ୍ତିଷ୍କ ସବୁଠାରୁ ତୀକ୍ଷ୍ଣ ଏବଂ ପ୍ରଖର
ହୋଇଥାଏ। ସେମାନେ ଅଧିକ ବୁଦ୍ଧିଆ। ସେମାନଙ୍କର ଚିନ୍ତା ଏବଂ
ବୁଝିବାର ଶକ୍ତି ମଧ୍ୟ ଅନ୍ୟମାନଙ୍କ ତୁଳନାରେ ବହୁତ ଅଧିକ। 'ବି' ପଜିଟିଭ୍
ଥିବା ଲୋକଙ୍କ ମସ୍ତିଷ୍କର ସେରେବ୍ରମରେ ପେରିଟୋନିଆଲ୍ ଏବଂ
ଟେମ୍ପୋରାଲ୍ ଲୋବ୍ସ ଅଧିକ ସକ୍ରିୟ ଥାଏ। ଏହି କାରଣରୁ, ଏହି ରକ୍ତ ଥିବା
ଲୋକଙ୍କର ସ୍ମୃତିଶକ୍ତି ବହୁତ ତୀକ୍ଷ୍ଣ ହୋଇଥାଏ। ୨. 'ଓ' ପଜିଟିଭ୍
ରକ୍ତ ଗ୍ରୁପ୍: ରକ୍ତ ଗ୍ରୁପ୍ ଆଧାରରେ ବୁଦ୍ଧିଆ ହେଉଥିବା ତାଲିକାରେ ଦ୍ୱିତୀୟ
ସ୍ଥାନରେ 'ଓ' ପଜିଟିଭ୍ ରକ୍ତ ଗ୍ରୁପ୍ ଥିବା ଲୋକମାନେ ଅଛନ୍ତି। 'ବି'
ପଜିଟିଭ୍ ଲୋକଙ୍କ ପରେ, ଏହି ରକ୍ତ ଗ୍ରୁପର ଲୋକଙ୍କୁ ବୁଦ୍ଧିଆ ବୋଲି
ବିବେଚନା କରାଯାଇଥାଏ। ଏହି ଗ୍ରୁପର ଲୋକଙ୍କ ଶରୀରରେ ରକ୍ତ ସଞ୍ଚାଳନ ଅନ୍ୟ ବ୍ଲଡ୍ ଗ୍ରୁପର ଲୋକଙ୍କ ତୁଳନାରେ ଅଧିକ ଥାଏ। ଏହା ଯୋଗୁ ମସ୍ତିଷ୍କରେ ଅମ୍ଳଜାନର ପ୍ରବାହ ମଧ୍ୟ ଭଲ ହୋଇଥାଏ। ଏହା ମସ୍ତିଷ୍କକୁ ପ୍ରଖର କରିଥାଏ। ଅନ୍ୟ ରକ୍ତ ଗ୍ରୁପ୍ : ଏହା ନୁହେଁ ଯେ, ଏହି ଦୁଇଟି ରକ୍ତ ଗ୍ରୁପ୍ ବ୍ୟତୀତ ଅନ୍ୟ ରକ୍ତ ଗ୍ରୁପ୍ ଲୋକଙ୍କର ମସ୍ତିଷ୍କର ପ୍ରଖରତା କମ୍ ରହିଛି ଅବା ସେମାନେ ବୁଦ୍ଧିମାନ ନୁହନ୍ତି। ଏହା କେବଳ ଗୋଟିଏ ଅଧ୍ୟୟନ ଅନୁସାରେ କୁହାଯାଇଛି। ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ 'ବି' ପଜିଟିଭ୍ ଅବା 'ଓ' ପଜିଟିଭ୍ ରକ୍ତ ଗ୍ରୁପ୍ର ହୋଇ ନଥିଲେ ମଧ୍ୟ ସେମାନଙ୍କର ଧିଶକ୍ତି ପ୍ରଖର ହୋଇଥାଏ। ସେମାନଙ୍କର ବୁଦ୍ଧିମତା ବହୁ ଅଧିକ। ଗବେଷଣାରେ ଗବେଷକ ୭୦ ଜଣଙ୍କ ରକ୍ତ ନମୁନା ନେଇଥିଲେ ଏବଂ ତା'ପରେ ସେମାନଙ୍କ ମସ୍ତିଷ୍କ ପରୀକ୍ଷା କରିଥିଲେ। ଗବେଷଣାରୁ ଜଣାପଡିଥିଲା ଯେ, କେଉଁ ରକ୍ତ ଗ୍ରୁପର ଲୋକଙ୍କ ମସ୍ତିଷ୍କ ଅଧିକ ପ୍ରଖର ଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆସ୍ଥାର ଦୋଳନ...

ସ୍ୱାଧୀନତାର ୭୮ ବର୍ଷର ଦୀର୍ଘଯାତ୍ରାରେ ଭାରତ ଆଜି ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ବଜାୟ ରଖିବା ପଛରେ ରହିଛି ଏହାର ସାମ୍ବିଧାନିକ ଲକ୍ଷ୍ମଣରେଖା ଓ ଗଣତାନ୍ତ୍ରିକ ସ୍ତମ୍ଭ ପ୍ରତି ପାରିସ୍ପରିକ ସମ୍ମାନବୋଧ। ଏହି କାରଣରୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଶେଷକରି ଲକ୍ଷ୍ମଣରେଖା, ଆତ୍ମମର୍ଯ୍ୟାଦା, ଦାୟିତ୍ୱବୋଧ ଓ ନିରପେକ୍ଷତା ଯୋଗୁଁ ଭାରତୀୟ ନ୍ୟାୟପାଳିକା ପ୍ରତି ୧୪୫ କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି। ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରୁ ସମାଜର ସର୍ବନିମ୍ନ ବର୍ଗ ପର୍ଯ୍ୟନ୍ତ ଧନୀ-ଗରିବ, ପ୍ରତିପତ୍ତି-ଅବହେଳିତ, ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ନ୍ୟାୟପାଳିକା 'ନ୍ୟାୟମନ୍ଦିର' ଏବଂ ବିଚାରପତିମାନେ 'ନ୍ୟାୟମୂର୍ତ୍ତି' ରୂପେ ଆମ୍ଭସ୍ତ ହୋଇସାରିଛନ୍ତି। ଭାରତୀୟଙ୍କ ମନରେ ନ୍ୟାୟାଳୟ ପ୍ରତି ଥିବା ଏହି ପବିତ୍ର ଓ ଶାଶ୍ୱତ ଭାବନା ବିଚାରପତିମାନଙ୍କୁ ସମାଜ ଓ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ସ୍ଥାନ, ସମ୍ମାନ, ଅଧିକାର ଓ ମର୍ଯ୍ୟାଦା ଦେଇଛି ଏବଂ ସାଧାରଣ ଜନଜୀବନରୁ ଉଚ୍ଚତର ଓ ସ୍ୱତନ୍ତ୍ର ସୋପାନରେ ଅଧିଷ୍ଠିତ କରିଛି। କିନ୍ତୁ ବେଳେ ବେଳେ ନ୍ୟାୟମନ୍ଦିରମାନଙ୍କରେ ଏଭଳି କିଛି ଅବାଞ୍ଛିତ ଘଟଣାମାନ ଘଟୁଛି, ଯାହା କୋଟି କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସରେ ଦୋଳନ ସୃଷ୍ଟି କରୁଛି; ନିରପେକ୍ଷତା ନେଇ ପ୍ରଶ୍ନବାଚୀଟିଏ ଆଙ୍କି ହୋଇଯାଉଛି ଏବଂ ବିଶ୍ୱାସ-ଅବିଶ୍ୱାସର ଦ୍ୱନ୍ଦ୍ୱଟିଏ ଜନ୍ମନେଉଛି। ସେହିଭଳି ଏକ ଘଟଣା ସମ୍ପ୍ରତି ଜାତୀୟସ୍ତରରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ପାଲିଟିଛି। ଆସ୍ଥା ଓ ବିଶ୍ୱାସର ମନ୍ଦିରରେ ଏଭଳି ଅବାଞ୍ଛିତ ବାତାବରଣ ବିଷୟରେ ଆଲୋଚନା କରିବା ପୂର୍ବରୁ ଘଟଣା ସମ୍ପର୍କରେ ଚୁମ୍ବକରେ ଅବତାରଣା କରିବା ଉଚିତ ହେବ। ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶବନ୍ତ ବର୍ମାଙ୍କ ସରକାରୀ ବାସଭବନକୁ ଘେରି ରହିଥିବା ପ୍ରାଚୀର ଭିତରେ ଥିବା ଏକ ଆଉଟହାଉସ୍ ବା ଷ୍ଟୋରରୁମ୍‌ରେ ମାର୍ଚ୍ଚ ୧୪ ରାତି ୧୧.୩୦ରେ ଅଗ୍ନିକାଣ୍ଡ ଘଟେ। ସେତେବେଳେ ବିଚାରପତି ବର୍ମା ଦିଲ୍ଲୀରେ ଅନୁପସ୍ଥିତ ଥିବା ବେଳେ ତାଙ୍କ ଝିଅ ଦିଲ୍ଲୀ ପୁଲିସ୍‌କୁ ଅଗ୍ନିକାଣ୍ଡ ସମ୍ପର୍କରେ ବିଚାରପତି ବର୍ମାଙ୍କ ବ୍ୟକ୍ତିଗତ ସଚିବଙ୍କ ଜରିଆରେ ସୂଚନା ଦିଅନ୍ତି। ଏହି ସାଧାରଣ ଘଟଣା ଅସାଧାରଣ ହୋଇ ନଥା'ନ୍ତା ଯଦି ଗଣମାଧ୍ୟମରେ ସେ ସମ୍ପର୍କିତ ଭିଡିଓ ଚିତ୍ର ତଥ୍ୟସମ୍ବଳିତ ଏକ ଖବର ପ୍ରକାଶ ପାଇ ନଥା'ନ୍ତା, ଯେଉଁଥିରେ ବିଚାରପତି ବର୍ମାଙ୍କ ସେହି ଆଉଟହାଉସ୍‌ରୁ ପ୍ରାୟ ୧୫ କୋଟି ଟଙ୍କାର ନୋଟ୍ ବିଡ଼ା ଉଦ୍ଧାର ହୋଇଥିବା କଥା ଉଲ୍ଲେଖ ହୋଇ ନଥା'ନ୍ତା। ସେହିଭଳି ନ୍ୟାୟମନ୍ଦିର ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ଉପରେ ପ୍ରଶ୍ନଚିହ୍ନଟିଏ ଲାଗି ନ ଥା'ନ୍ତା ଯଦି ଏହି ଘଟଣା ସମ୍ପର୍କିତ ତଥ୍ୟ ପ୍ରଘଟ ହେବାରେ ଦୃଷ୍ଟିକଟୁ ବିଳମ୍ବ ହୋଇ ନଥା'ନ୍ତା। ଯେହେତୁ ଏହି ଘଟଣା ଭାରତବର୍ଷର ସାମଗ୍ରିକ ଭାବେ ନ୍ୟାୟ ବ୍ୟବସ୍ଥା ସହିତ ଜଡ଼ିତ, ସେଥିପାଇଁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ବିଚାରବନ୍ତ, ଯତ୍ନ ଓ ସତର୍କତାର ସହିତ ନ୍ୟାୟିକ, ବିଧିବଦ୍ଧ ଓ ପ୍ରକ୍ରିୟା ଅନୁମୋଦିତ ପଦକ୍ଷେପମାନ ଯେ ନେଇଥିବେ – ଏହାକୁ ନିଶ୍ଚୟ ଅସ୍ୱୀକାର କରାଯାଇପାରିବ ନାହିଁ। ବିଚାରପତି ବର୍ମା ତାଙ୍କ ପକ୍ଷ ରଖି ଯେଉଁକେତେକ ଯୁକ୍ତି ଉପସ୍ଥାପନ କରିଛନ୍ତି ତାହାକୁ ମଧ୍ୟ ଆମ ନ୍ୟାୟବ୍ୟବସ୍ଥା ଯଥାର୍ଥ ସମ୍ମାନ ଦେଇ ଗ୍ରହଣ କରିଛି ଏବଂ ବିଚାରପତି ବର୍ମା ସ୍ୱଚ୍ଛ ନ୍ୟାୟିକ ତଦନ୍ତକୁ ସ୍ୱାଗତ କରିଛନ୍ତି। ଏବେ କିନ୍ତୁ ଯେଉଁ କେତେକ ପ୍ରଶ୍ନ ବିଭିନ୍ନ ମହଲକୁ ଆନ୍ଦୋଳିତ କରୁଛି ତାହା ହିଁ ଘଟଣାକୁ ସ୍ପର୍ଶକାତର କରିବାରେ ଇନ୍ଧନ ଯୋଗାଉଛି। ଯଦି ବିଚାରପତି ବର୍ମା ଉତ୍କୋଚ ବଦଳରେ ରାୟ ଦେଇଥିବା ତଦନ୍ତରୁ ପ୍ରମାଣିତ ହୁଏ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ହେବ; କିନ୍ତୁ ତାଙ୍କ ଲେଖନୀମୁନରୁ ବାହାରି ଥିବା ରାୟ ନିରପେକ୍ଷ ବୋଲି ଧରାଯିବ କେମିତି ? ସବୁଜାଣିବା ଓ ଦୁର୍ନୀତି ପ୍ରମାଣିତ ହେବା ପରେ ମଧ୍ୟ ପ୍ରଭାବିତ ବାଦୀ-ପ୍ରତିବାଦୀମାନଙ୍କୁ ଉପେକ୍ଷିତ କରାଯିବ କି ? କଲିକତା ଉଚ୍ଚ ନ୍ୟାୟାଳୟର ବିଚାରପତି ସୌମିତ୍ର ସେନ୍, ସିକ୍କିମ୍ ଉଚ୍ଚ ନ୍ୟାୟାଳୟର ବିଚାରପତି ପି ଡି ଦିନାକରନ୍‌ଙ୍କ ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗ ଏବଂ ସେମାନେ ସେଥିଯୋଗୁଁ ଇସ୍ତଫା ଦେବା ଆଦି ଘଟଣା ଆଧାରରେ ଏହି ପ୍ରଶ୍ନଗୁଡ଼ିକୁ ହଠାତ୍ ଅପ୍ରାସଙ୍ଗିକ ବୋଲି କହିହେଉନାହିଁ। ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ବାର ଆସୋସିଏସନ୍ ପକ୍ଷରୁ ବିଚାରପତି ବର୍ମାଙ୍କ ବଦଳିକୁ ବିରୋଧ କରି ଧର୍ମଘଟ ଡାକରା ଦିଆଯିବା ପରେ ଘଟଣା ଅଧିକ ବିବାଦୀୟ ଓ ବିତର୍କିତ ହୋଇପଡ଼ିଛି। ଘଟଣାର ପୁଙ୍ଖାନୁପୁଙ୍ଖ ନିରପେକ୍ଷ ତଦନ୍ତ କରିବାରେ ବିଳମ୍ବ କେଉଁଠି ରହିଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଚାର, ନ୍ୟାୟ ଓ ରାୟକୁ ପକ୍ଷପାତୀ କରିବା ପାଇଁ ବିଚାରପତି ବର୍ମା ଉତ୍କୋଚ ନେଇଥାଇପାରନ୍ତି ବୋଲି ଯେଉଁ ଗୁରୁତର ଅଭିଯୋଗ ଉଠିଛି ତାହାର ନିରପେକ୍ଷ ତଦନ୍ତ ପାଇଁ ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ତିନିଜଣିଆ ଆଭ୍ୟନ୍ତରୀଣ କମିଟି ଗଠନ କରିଛନ୍ତି। ବିଚାରପତି ବର୍ମାଙ୍କୁ ନ୍ୟାୟିକ ପ୍ରକ୍ରିୟା ବା କର୍ତ୍ତବ୍ୟ ସମ୍ପାଦନରୁ ସାମୟିକ ଅବ୍ୟାହତି ଦିଆଯାଇଛି। ଭାରତୀୟ ନ୍ୟାୟବ୍ୟବସ୍ଥାର ମୌଳିକତା ଅକ୍ଷୁର୍ଣ୍ଣ ରହିଛି ଏବଂ ଭାବମୂର୍ତ୍ତି ନିଷ୍କଳଙ୍କ ଅଛି ତାହାର ପ୍ରମାଣ ସ୍ୱରୂପ ସର୍ବୋଚ୍ଚ ନ୍ୟାୟାଳୟ ଏ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ, ଅନ୍ତରୀଣ ଆଦେଶ, କାର୍ଯ୍ୟାନୁଷ୍ଠାନ ଓ ସମ୍ପୃକ୍ତ ପ୍ରଘଟ ଭିଡିଓକୁ ସାର୍ବଜନୀନ କରିଛନ୍ତି।

# ଚୀନର ପ୍ରକଳ୍ପ ୧୩୭୬ର ଟାର୍ଗେଟରେ ଓଡିଶା

**ସୌମେନ୍ଦ୍ର ଜେନା**

ଦୀର୍ଘ ଦିନ ଧରି ଡୋକଲାମ ଏବଂ ଲଦାଖ ଅଞ୍ଚଳରେ ସେନାଙ୍କୁ ଛିଡା କରିଥିଲା ଚୀନ। ଉଦ୍ଦେଶ୍ୟ ଥିଲା ଭାରତକୁ ନାଲି ଆଖି ଦେଖାଇବା। କଂଗ୍ରେସ ଶାସନ କାଳରେ ଦୀର୍ଘ ପଚାଶବର୍ଷ ଧରି ସମୟେ ସମୟେ ଏମିତି ନାଲିଆଖି ଦେଖାଇ ଭାରତକୁ ଭୟଭୀତ କରିବାକୁ ସକ୍ଷମ ହୋଇଥିଲା ଚୀନ। ପୂର୍ବତନ କଂଗ୍ରେସ ସରକାର ଚୀନର ସରକାରକୁ ଏତେ ପରିମାଣରେ ଭୟ କରୁଥିଲେ ଯେ ସୀମାନ୍ତରେ ସେନାପାଇଁ ଆବଶ୍ୟକ ସଡକ ମଧ୍ୟ ନିର୍ମାଣ କରୁନଥିଲେ। ହିମାଳୟ ପାଦଦେଶରେ ଅନେକ ଝର ଏବଂ ନଦୀକୁ ପାରିହେବାଲାଗି ସ୍ଥାୟୀ ପୋଲ ମଧ୍ୟ ନିର୍ମାଣ କରୁନଥିଲେ। ୧୯୬୨ରେ ଯେପରି ସୀମାନ୍ତର ହଜାର ହଜାର କିଲୋମିଟର ଅଞ୍ଚଳକୁ ଚୀନ ଦଖଲ କଲା, ଠିକ୍ ସେମିତି କାଳେ କରିପାରେ, ସେହି ଭୟ ଘାରିଥିଲା କଂଗ୍ରେସ ସରକାରକୁ। ବୋଧହୁଏ ସେହି ସ୍ଥାୟୀ ଭୟ ଦୃଷ୍ଟିରୁ ରାଜନୈତିକ ଶିକ୍ଷା ପାଇଁ ଭାରତରେ କଂଗ୍ରେସ ସରକାର ଚୀନର ସରକାରଙ୍କ ସହ ନିଜ ଦଳର ବୁଝାମଣା ମଧ୍ୟ କରିଥିଲେ। ସେଥିପାଇଁ ଚୀନ ସରକାରଙ୍କଠାରୁ ଦଳୀୟ ଅନୁଦାନ ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ କୌଣସି ପ୍ରକାରେ ଭୟଭୀତ କରିନପାରି ପରିଶେଷରେ ପଛକୁ ଫେରିଥିବା ଚୀନ ସରକାର ପାକିସ୍ଥାନ ପରି ସମ୍ମୁଖ ଯୁଦ୍ଧକୁ ଏଡାଇ ଦୀର୍ଘକାଳୀନ ଛାୟାଯୁଦ୍ଧ ଚଳୁରଖିବା ପାଇଁ ଭାରତରେ ଆରମ୍ଭ କରିଛନ୍ତି ପ୍ରକଳ୍ପ ୧୩୭୬। ଚୀନ ଗୋଇନ୍ଦା ସଂସ୍ଥାର ଏହି ପ୍ରକଳ୍ପ ମାଧ୍ୟମରେ ଯୁଦ୍ଧ ସୀମାନ୍ତରେ ନହୋଇ ଏବେ ଭାରତ ଭିତରେ ଆରମ୍ଭ ହୋଇଯାଇଛି।

ଏହି ପ୍ରକଳ୍ପ ଅନୁଯାୟୀ ଭାରତର ବଜାର ମଧ୍ୟରେ ପ୍ରବେଶ କରି ବ୍ୟବସାୟ ନାମରେ ଚୀନ ସେନାବାହିନୀ ନିଜ ଏଜେଣ୍ଟ ମାଧ୍ୟମରେ ଆରମ୍ଭ କରିଛନ୍ତି ଗୁପ୍ତଚର କାର୍ଯ୍ୟକଳାପ। ଏହି ପ୍ରକଳ୍ପ ଅନୁଯାୟୀ କେତେକ ଚୀନା କମ୍ପାନୀ ବ୍ୟବସାୟ ଆଳରେ ଭାରତର ଛୋଟ ଛୋଟ ସହରରେ ଅଫିସ ଖୋଲିବା ଆରମ୍ଭ କରିଦେଇଛନ୍ତି। ସେମାନେ ଭାରତର ବ୍ୟବସାୟୀମାନଙ୍କୁ ଅଧିକ ଖର୍ଚ୍ଚ କରି ନିଜ କମ୍ପାନୀ ନ ଖୋଲି ଚୀନରୁ ଉତ୍ପାଦିତ ମାଲକୁ କଞ୍ଚାମାଲ ଭାବେ ଆଣି ଭାରତରେ ପ୍ୟାକିଂ କରି ବିକ୍ରି କରିବାକୁ ପ୍ରୋତ୍ସାହିତ କରୁଛନ୍ତି। କେବଳ ସେତିକି ନୁହେଁ, ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କୁ ଆବଶ୍ୟକ ତୁଳନାରେ ଅଧିକ ମୁନାଫା ଯୋଗାଇଦେଇ ଆକର୍ଷିତ କରିବାସହ ସେମାନଙ୍କ ମାଧ୍ୟମରେ ଦେଶର ଗୁପ୍ତସୂଚନା ସଂଗ୍ରହ କରିବାରେ ଲାଗିଛନ୍ତି। ଏଥିପାଇଁ ସେମନେ ସଂପୃକ୍ତ ବ୍ୟବସାୟୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଚୀନ ବୁଲିଯିବା ଲାଗି ସୁବିଧା କରିବା ସହ ସେମାନଙ୍କୁ ଏଜେଣ୍ଟଙ୍କ ଜାଲରେ ପକାଉଛନ୍ତି। ସେମାନଙ୍କ ମାଧ୍ୟମରେ ଭାରତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ନେତା, ସନ୍ତ୍ରାସବାଦୀ ସଂଗଠନଗୁଡିକ ସହ ସଂପର୍କ ରକ୍ଷା କରାଯାଉଛି। ଚୀନର ଗୋଇନ୍ଦା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଡ୍ରାଗନବ୍ରୀଜ ମଧ୍ୟ ନାମ ଦେଇଛି। ଭିନ୍ନ ଭିନ୍ନ ସମୟରେ ଇଣ୍ଟରନେଟରେ ଭାଇରସ୍ ଛାଡି ପ୍ରତିରକ୍ଷା ବାହିନୀର ତଥ୍ୟକୁ ଚୋରି କରିବାକୁ ପ୍ରୟାସ କରାଯାଉଛି। ଭାରତ-ଆମେରିକା, ଭାରତ - ଅଷ୍ଟ୍ରେଲିଆ ମିଳିତ ସେନାବାହିନୀ ଅଭ୍ୟାସ ପୂର୍ବରୁ ଚୀନ ପକ୍ଷରୁ ଏମିତି ଭାଇରସ୍ ଛଡାଯାଇ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା।

ପ୍ରକଳ୍ପ ୧୩୭୬ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଏବଂ ନେପାଳରେ ଜୋରସୋରରେ ଚାଲୁରହିଛି। ଭାରତର ସୀମାନ୍ତରେ ଥିବା ଏହି ଦୁଇଟି ଦେଶରେ ଚୀନ ନିଜେ ଗୁପ୍ତଚର ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛି। ଦୁଇଟି ଦେଶର ଜନସାଧାରଣଙ୍କୁ ମାଣ୍ଡରିନ୍ ଭାଷା ଶିକ୍ଷାଦାନ କରାଯାଉଛି। ଉଦ୍ଦେଶ୍ୟ ହେଲା ଯେ ଏହି ଦୁଇଦେଶର ଲୋକେ ସ୍ଥାୟୀ ଭାବେ ଭାରତର ଲୋକମାନଙ୍କ ସହ ସଂପର୍କ ରକ୍ଷାକରି ତଥ୍ୟ ସଂଗ୍ରହ କରିବେ। ଭାରତ-ନେପାଳ ମଧ୍ୟରେ ସୀମା ଖୋଲା ଥିବା ହେତୁ ମାଣ୍ଡାରିନ ଭାଷା ଜାଣିଥିବା ବ୍ୟକ୍ତି ଭାରତରେ ଚାକିରୀ କିମ୍ବା ବାଣିଜ୍ୟ ପାଇଁ ଆସି ମାଣ୍ଡାରିନ ଭାଷାରେ ଚୀନା ଏଜେଣ୍ଟକୁ ତଥ୍ୟ ଯୋଗାଇବ। ଆମେରିକାକୁ ଦୁର୍ବଳ କରିବାକୁ ଏପ୍ରକାର ଯୋଜନାରେ ଚୀନ ସଫଳ ହୋଇଛି। ଚୀନା ମୂଳର ଦୁଇ ଆମେରିକୀୟ ପ୍ରତିରକ୍ଷା କର୍ମଚାରୀ ପେଣ୍ଟାଗନର କାର୍ଯ୍ୟାଳୟ ମଧ୍ୟରୁ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଗୋପନୀୟ ଫାଇଲ ସବୁର ମୋବାଇଲ କ୍ୟାମେରାର ଫଟୋ ଚୀନକୁ ପଠାଯାଉଥିବା ବିଷୟକୁ କ୍ରିସ ପଟେଲ ନିକଟରେ ଧରିଛନ୍ତି। କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ସବୁ ପ୍ରକାର କଟକଣା ଏବଂ ଯୁଦ୍ଧର ସମ୍ମୁଖୀନ ହେବାଲାଗି ଚୀନ ସର୍ବଦା ପ୍ରସ୍ତୁତ ରହିଥିବା ବିଷୟ ବେଜିଂର ଅଧିକାରୀମାନେ ବାରମ୍ବାର କହୁଥିଲେ। ବାଇଡେନଙ୍କ ଶାସନ କାଳରେ ଇରାନ ଉପରେ ଆକ୍ରମଣର ଏକ ପୂର୍ବଯୋଜନାକୁ ଇସ୍ରାଏଲ ସରକାର ଆମେରିକା ସରକାରଙ୍କୁ ଗତବର୍ଷ ଜଣାଇଥିଲେ। କିନ୍ତୁ ସେହି ଯୋଜନା ସଂପର୍କରେ ଇରାନ ସରକାର ଗଣମାଧ୍ୟମରେ ଆଗୁଆ ପ୍ରକାଶ କରିବା ପରେ ଇସ୍ରାଏଲ କର୍ତ୍ତୃପକ୍ଷ ଚକିତ ହୋଇଥିଲେ। କଥା ହେଲା ଯେ ବାଇଡେନଙ୍କ ସରକାରରେ ପାଲେଷ୍ଟାଇନ ଓ ଇରାନର ସମର୍ଥକମାନେ ରହିଥିଲେ। ଜଣେ ମୁସଲିମ କର୍ମଚାରୀଙ୍କ ଦ୍ୱାରା ସେହି ତଥ୍ୟ ଆଗୁଆ ଇରାନ ସରକାରଙ୍କୁ ଯୋଗାଇ ଦିଆଯାଇଥିଲା। ଯାହାଫଳରେ ଇସ୍ରାଏଲ ସରକାର ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ। ବାଇଡେନଙ୍କ ଶାସନ କାଳରେ ଆମେରିକାରେ ପାଠପଢିବା ଏବଂ ଗବେଷଣା କରିବାକୁ ଆସୁଥିବା ଚୀନର ଛାତ୍ରଛାତ୍ରୀମାନେ ଆମେରିକା ଗବେଷଣାଗାରଗୁଡିକର ତଥ୍ୟକୁ ଚୀନ ସରକାରଙ୍କୁ ଯୋଗାଉଥିବାର ଅଭିଯୋଗ ଉଠିବା ପରେ କେତେକ ଚୀନା ଗବେଷକଙ୍କୁ ଦେଶରୁ ବିତାଡିତ କରାଯାଇଥିଲା। ଚୀନା ଏଜେଣ୍ଟ ଭାବେ କାର୍ଯ୍ୟରତ ମହିଳାମାନେ ଆମେରିକା ପ୍ରତିରକ୍ଷା, ପ୍ରଶାସନ ଏବଂ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ପଦାଧିକାରୀଙ୍କ ସହ ବୈବାହିକ ସଂପର୍କରେ ରହି ଚୀନ ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଜଣାପଡିଥିଲା। ସମାନ ଢଙ୍ଗରେ ହିମାଚଳ ପ୍ରଦେଶର ଧର୍ମଶାଳା ସହରସ୍ଥିତ ଦଲାଇଲାମାଙ୍କ କାର୍ଯ୍ୟାଳୟ ନିକଟରେ ଛୋଟ ଦୋକାନ ଖୋଲି ତିବ୍ବତୀୟ ଆନ୍ଦୋଳନକାରୀଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଜଣେ ଚୀନ ମହିଳାଙ୍କୁ ପୁଲିସ ଗିରଫ କରିଥିଲା। ସେ ମହିଳାଜଣକ ସମୟେ ସମୟେ ଦଲାଇଲାମାଙ୍କ କାର୍ଯ୍ୟାଳୟ ମଧ୍ୟକୁ ଯାଇ ସେଠାକାର ଲୋକମାନଙ୍କ ସହ ମିଶି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ଉଠିଥିଲା।

ଭାରତରେ ପ୍ରକଳ୍ପ ୧୩୭୬ ମାଧ୍ୟମରେ ଚୀନା କମ୍ପାନୀମାନେ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ପୁଣେ, ବାଙ୍ଗାଲୋର, ହାଇଦ୍ରାବାଦ ପରି ସହରଗୁଡିକରେ ନିଜର ଶାଖା କାର୍ଯ୍ୟାଳୟ ନଖୋଲି ଓଡିଶାର ବାଲେଶ୍ୱର, କଟକ ଏବଂ ଭୁବନେଶ୍ୱର ପରି ସହରରେ ଖୋଲିଛନ୍ତି। ବ୍ୟବସାୟୀମାନଙ୍କ ସହ ସଂପର୍କ ରକ୍ଷା କରିବା ସହ ରାଜ୍ୟରେ ଥିବା ପ୍ରତିରକ୍ଷାବାହିନୀର କେନ୍ଦ୍ର ଯେମିତି ଚରବାଟିଆ, ବାଲେଶ୍ୱରର କ୍ଷେପଣାସ୍ତ୍ର ପରୀକ୍ଷା ଘାଟୀ, କୋରାପୁଟର ହାଲ, ପଶ୍ଚିମ ଓଡିଶାର ଗୋଳାବାରୁଦ କାରଖାନାର ଖବର ସଂଗ୍ରହ କରିବା ତାଙ୍କର ମୂଳଲକ୍ଷ୍ୟ ରହିଛି। ସେମାନେ ଓଡିଶାର ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କ ସହ ଉତ୍ତମ ସଂପର୍କ ରକ୍ଷାକରି ସେମାନଙ୍କୁ ଚୀନକୁ ବୁଲିଯିବା ଲାଗି ପଠାଉଛନ୍ତି। ନିହାତି ଛୋଟ ବ୍ୟବସାୟ କରୁଥିବା ଲୋକେ ଅଳ୍ପ କେତେଟା ଦିନରେ ବଡଲୋକ ହେବା ଦେଖାଯାଉଛି। ସେମାନଙ୍କ ରୋଜଗାରର ଉତ୍ସ ବ୍ୟବସାୟ ନୁହେଁ ବରଂ ଅଧିକନ୍ତୁ ଗୁପ୍ତଚର ଗିରି ବୋଲି ସନ୍ଦେହ କରାଯାଉଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଗଣମାଧ୍ୟମ ସଂପର୍କରେ ଆସିଥିବା ଲୋକେ ଏକ ନିର୍ଦ୍ଦିଷ୍ଟ ବିଷୟକୁ ବ୍ୟାପକ ପ୍ରଚାର କରିବାରେ ଲାଗିପଡିଛନ୍ତି। ସମାଜ ପାଇଁ ଆବଶ୍ୟକ ବା ଅନାବଶ୍ୟକ କଥା ଚିନ୍ତା ନହୋଇ ସମ୍ବାଦ ପରିବେଷଣ ହେଉଛି। ସତ୍ୟତା ପ୍ରତି ଧ୍ୟାନ ନଦେଇ ଯେମିତି ହାଫିଜ ସୟିଦର ମୃତ୍ୟୁ ଖବର ଭାରତରେ ବହୁବାର ପ୍ରଚାର କରାଯାଇଆସିଛି ଏହାର ମୂଳରେ ପାକିସ୍ଥାନର କିଛି ସମ୍ବାଦଦାତା ରହୁଛନ୍ତି,ଯେଉଁମାନଙ୍କ ଖବରକୁ କପି ପେଷ୍ଟ କରି ଭାରତରେ ପ୍ରଚାର କରାଯାଉଛି। ଯେମିତି ସୀମା ହାଇଦର ଘଟଣାକୁ ମଧ୍ୟ ଉଦାହରଣ ସ୍ୱରୂପ ନିଆଯାଇପାରେ। ସେମିତି ମୋନାଲିସାର ଖବର କିମ୍ବା କୁମ୍ଭମେଳାରେ ଦାନ୍ତକାଠି ବିକ୍ରିକରି ୪୦ହଜାର ରୋଜଗାର କରିଥିବା ଜୌନପୁର କଲେଜଛାତ୍ରର ଘଟଣା। ଏସବୁକୁ ଚଟ୍‌ପଟି ନିଉଜ୍ ନାମରେ ପରିବେଷଣ କରାଯାଇଛି। ଏପରିକି ଏହାର ପ୍ରତିକ୍ରିୟାକୁ ମଧ୍ୟ କେନ୍ଦ୍ରକରି ଥାନାରେ ଅନେକ ମାମଲା ଆସିଛି। ଏଥିରେ ଗୋଟିଏ ବିଷୟ ପରିଲକ୍ଷିତ ହେଉଛି ଯେ କିଛି ଲୋକ ଚାହିଁଲେ ସାରାଦେଶର ଦୃଷ୍ଟିକୁ ଗୋଟିଏ ଆଡେ ଆକର୍ଷିତ କରିପାରୁଛନ୍ତି। ବଡ ବଡ ଘଟଣା ଅପେକ୍ଷା ଛୋଟ ଛୋଟ ଘଟଣାକୁ ବଡ କରି ପ୍ରଚାର କରାଯାଉଛି। ଯେମିତି କୁମ୍ଭମେଳାରେ ଗ୍ୟାସ ସିଲିଣ୍ଡରର ବନ୍ଦ କରାନଯିବା ହେତୁ ଯେଉଁ ଅଗ୍ନିକାଣ୍ଡ ଘଟିଥିଲା ତାକୁ ଖାଲିସ୍ଥାନୀ ଆକ୍ରମଣ ବୋଲି କେତେକ ଗଣମାଧ୍ୟମରେ ପ୍ରସାରିତ କରିବାକୁ ପାକିସ୍ଥାନର ଆଇଏସ୍ଆଇ ସକ୍ଷମ ହୋଇଥିଲା। ଆଇଏସ୍ଆଇର ଖବରକୁ ଭାରତର କେତେକ ଗଣମାଧ୍ୟମ କପି ପେଷ୍ଟ କରି ପ୍ରଚାର କଲେ। ତେଣୁ ଭାରତ ଭିତରେ ଗଣମାଧ୍ୟମକୁ କେତେକାଂଶରେ ନିଜ ହାତମୁଠାରେ ରଖିବାପାଇଁ ପ୍ରକଳ୍ପ ୧୩୭୬ କାର୍ଯ୍ୟ କରି ସକ୍ଷମ ହୋଇଛି।

ଏହି ପ୍ରକଳ୍ପର ଅନ୍ୟ ଏକ କାର୍ଯ୍ୟହେଲା ବୁଦ୍ଧିଜୀବୀ ଲୋକମାନଙ୍କୁ କବ୍‌ଜା କରିବା। ଯେମିତି କିଛି ଲୋକ ସୋସିଆଲ ମିଡିଆରେ ଦୈନିକ ଚୀନର ପ୍ରଶଂସାରେ ନାନା ବିଷୟ ପ୍ରସାରିତ କରି ଚୀନ କିପରି ଆମେରିକା ସ୍ତରକୁ ଗଲାଣି ତାହା ଦର୍ଶାଇବାରେ ବ୍ୟସ୍ତ। ଆଭ୍ୟନ୍ତରୀଣ ଚୀନ, ଗ୍ରାମାଞ୍ଚଳରେ ଚୀନକୁ କେନ୍ଦ୍ରକରି କମ୍ ଖବର ପ୍ରସାରିତ ହେଉଛି। ସେମିତି ନିର୍ବାଚନ ସରି ନଥିବା ସ୍ଥଳେ ଦେଶରେ କମ୍ ପ୍ରତିଶତ ଲୋକେ ଭୋଟ ଦେବା, ତଦନୁଯାୟୀ ସରକାର ବଦଳିଯିବା ପରି ଭୋଟ ଫଳାଫଳ ପ୍ରକାଶ ପୂର୍ବରୁ ଏବଂ ଭୋଟ ଚାଲିଥିବା ସମୟରେ ଖବରମାନ ସମୀକ୍ଷା ଆଳରେ ପ୍ରସାରିତ କରାଗଲା। ଏସବୁ ଖବର ନିର୍ବାଚନକୁ ପ୍ରଭାବିତ କରିବାକୁ କରାଯାଇଥିଲା। ସେତିକି ନୁହେଁ ଡିପ୍‌ଫେକ୍ ଟେକ୍‌ନୋଲୋଜୀ ସହାୟତାରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କଣ୍ଠସ୍ୱରକୁ ବ୍ୟବହାର କରାଯାଇ ମିଛ ଭିଡିଓମାନ ପ୍ରସାରିତ କରାଯାଇଥିଲା। ଯେମିତି ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ହୋଇଥିଲା। ଗବେଷଣା ଆଳରେ ଦେଶର ବିଶ୍ୱବିଦ୍ୟାଳୟଗୁଡିକ ସହ ଚୀନ ବିଶ୍ୱବିଦ୍ୟାଳୟକୁ ଯୋଡି ପ୍ରାଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଚୀନ ସହ ଯୋଡିବା ହେଉଛି ପ୍ରକଳ୍ପ ୧୩୭୬ର ଅନ୍ୟ ଏକ ଲକ୍ଷ୍ୟ। ଏଠାରେ ଏକ ଉଦାହରଣ ରଖାଯାଇପାରେ ବିବେକାନନ୍ଦ ଫାଉଣ୍ଡେସନର ରାଜୀବ ଶର୍ମାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା ଯେ ସେ ଜଣେ ନେପାଳୀ ମହିଳାଙ୍କୁ ଦେଶର ଅନେକ ତଥ୍ୟ ପ୍ରଦାନ କରୁଥିଲେ। ରାଜୀବ ଶର୍ମାଙ୍କ ଲେଖାଗୁଡିକ ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। କଥା ହେଲା ଯେ ଏକଦା ବିବେକାନନ୍ଦ ଫାଉଣ୍ଡେସନରେ ଦେଶର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କାର୍ଯ୍ୟ କରୁଥିଲେ। ସେଭଳି ଅନୁଷ୍ଠାନରେ ଚୀନ ଏଜେଣ୍ଟ ପ୍ରବେଶ କରିବା ଛୋଟ କଥା ନୁହେଁ। ବିଦେଶରେ ଖାଲିସ୍ଥାନୀ ସନ୍ତ୍ରାସବାଦୀ ପନ୍ନୁକୁ ଭାରତ ହତ୍ୟାକରିବା ପାଇଁ ଚାହୁଁଥିବା ଏବଂ ସେଥିପାଇଁ ଏଜେଣ୍ଟ ପ୍ରେରଣ କରିଥିବା ଖବର ଚୀନା ସହଯୋଗୀମାନେ ଭାରତ ଭିତରେ ଏବଂ ବାହାରେ ପ୍ରଚାର କରିଥିଲେ। ଏପରିକି ରିସର୍ଚ୍ଚ ଆନାଲିସିସ୍ ୱିଙ୍ଗର ଅଧିକାରୀମାନଙ୍କୁ ଅଷ୍ଟ୍ରେଲିଆରୁ ଏଥିପାଇଁ ବାହାର କରାଯାଇଥିବା ଖବର ଚୀନ ପ୍ରସାରିତ କରିଥିଲା। ଭାରତର ସମ୍ମାନକୁ ବିଦେଶରେ ଖରାପ କରିବାକୁ ପାକିସ୍ଥାନର ଆଇଏସ୍ଆଇ ପରି ଚୀନ ଉଦ୍ୟମ ଚଳାଇଛି। ଠିକ୍ ସେମିତି ଦେଶ ଭିତରେ ଗଣତନ୍ତ୍ର, ନିର୍ବାଚନ ବ୍ୟବସ୍ଥାକୁ ସନ୍ଦେହ କଲାପରି ଖବର ମଧ୍ୟ ପ୍ରସାରିତ କରି ଲୋକଙ୍କ ମନରେ ଗଣତନ୍ତ୍ର ବିରୋଧୀ ଭାବନା ସୃଷ୍ଟି କରୁଛି। କଥା ହେଲା ପାକିସ୍ଥାନରେ ଆଇଏସ୍ଆଇ ଯେପରି ସେଠାକାର ସରକାର ଏବଂ ନିର୍ବାଚନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି ଠିକ୍ ସେମିତି ଭାରତରେ ଏକ ନିୟନ୍ତ୍ରଣକାରୀ ଗୋଷ୍ଠୀ ନିର୍ମାଣରେ ଚୀନ ଲାଗିପଡିଛି। ଓଡିଶାର ଖଣି, ପାଣି ଏବଂ ଜଳସୀମା ଉପରେ ଚୀନର ଦୃଷ୍ଟିଥିବାରୁ ରାଜ୍ୟସରକାର ଗୋଇନ୍ଦା ବିଭାଗ ଏବଂ ପୁଲିସ ବାହିନୀ ଏଥିପ୍ରତି ସତର୍କ ରହିବା ଦରକାର। କାରଣ ଦେଶ ବାହାରେ ଆଦାନୀଗ୍ରୁପ ଚୀନର ସବୁଠୁ ଅଧିକ କ୍ଷତି କରୁଛି। ଓଡିଶାରେ ଧାମରା, ଗୋପାଳପୁର ସମେତ ସୁନ୍ଦରଗଡରେ ଆଦାନୀ ଗ୍ରୁପ କାର୍ଯ୍ୟ କରୁଥିବାରୁ ରାଜ୍ୟରେ ଆଦାନୀ ବିରୋଧୀ ଆନ୍ଦୋଳନ ରାଜନେତା, ଏନ୍‌ଜିଓର କର୍ମୀଙ୍କୁ ନେଇ କରାଯିବାର ସମ୍ଭାବନା ରହିଛି। ସେମିତି ରାଜ୍ୟରେ ଯେଉଁ ବ୍ୟବସାୟୀମାନେ ପ୍ରକଳ୍ପ ୧୩୭୬ର ଏଜେଣ୍ଟ ସାଜି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଖୋଜି ବାହାର କରାଯିବା ଆବଶ୍ୟକ। କେଉଁ କେଉଁ ଲୋକେ ବିଗତ ଦିନରେ ଅଧିକଥର ଚୀନଗସ୍ତ କରିଛନ୍ତି, କାହିଁକି କରିଛନ୍ତି, କାହାକୁ ଭେଟିଛନ୍ତି, କେତେ ଅର୍ଥ ପାଇଛନ୍ତି, ବ୍ୟାଙ୍କ ଖାତାକୁ କେଉଁଠୁ ପଇସା ଆସିଛି କେମିତି ଅଳ୍ପ ଦିନରେ ବଡଲୋକ ହୋଇଛନ୍ତି, ସେ ସବୁର ତଦନ୍ତ ହେବା ଆବଶ୍ୟକ। ଜନସାଧାରଣ ମଧ୍ୟ ନିଜ ଅଞ୍ଚଳରେ କିଛି ଲୋକଙ୍କ ଅସ୍ୱାଭାବିକ ବିକାଶ ଦେଖିଲେ ସୂଚନା ଭିଜିଲାନ୍ସ ଏବଂ ଗୋଇନ୍ଦା ବିଭାଗକୁ ଜଣାଇବା ଦରକାର।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର -୭୫୧୦୦୩

# ଡିଜିଟାଲ ଡ୍ରଗ୍ସ

**ଡାକ୍ତର ସମ୍ରାଟ କର**

ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି। ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା'। ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ। କିଛିଦିନ ହେବ ବିଶେଷ ଭାବରେ ଟିନ୍‌ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି। କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି। ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଥିବାର ଖବର ମିଳିଛି। ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ। ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ। ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ। ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ। ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ। ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ। ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି। ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବ ପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢ଼ୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ। ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା। କାରଣ ଉଚ୍ଚ ଧ୍ୱନୀ ବା ସଂଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ। ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡ଼ିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ। ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ। ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ। ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ। ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି। ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍ନିଟିଭ ବିହେଭିଅର ଥେରାପି) ନେବା ଉଚିତ। ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି। ସେମାନଙ୍କ ଶାରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ। ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ଼ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ। ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ। ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି। ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ। ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ। ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ। ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ। ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ। ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ। ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି। ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ। ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ। ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂଓ୍ୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ। ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ। କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ। ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩

## କବିତା କୋଣାର୍କ

### ବାପା ମୁଁ ଯାଉଛି..

**ହେମନ୍ତ ସାହୁ**

ବାପା ମୁଁ ଯାଉଛି...
ମୋତେ ଆଉ ଚାରି କାନ୍ଥ ଭିତରେ
ଭଲ ଲାଗୁନି ବାପା,
ତୁମେ କଷ୍ଟ କରି କମେଇ ଥିବା
ଲକ୍ଷ ଲକ୍ଷ ଟଙ୍କାକୁ,
ମୁଁ ଜୁଆ ଭଳି ଡୁବେଇ
ଦେଇଛି, ବାପା ।

ଡିଗ୍ରୀ ପାସ୍ କରିକି ବି ଲାଭ କ'ଣ
ନା ଖଣ୍ଡେ ଚାକିରି ପାଉଛି,
ନା ବାପା ତମକୁ ଘରେ ବସି
ଆରାମ କରିବାକୁ କହିପାରୁଛି,
ଏ ସମାଜ ମୋତେ ତାନା
ଦେଉଛି ବାପା,
ହଁ ବାପା ଏ ସମାଜ
ମୋତେ ତାନା ଦେଉଛି ।
ନିଜର ବୁଢ଼ା ବାପାର
ସାହାରା ନ ହୋଇ
ତାଙ୍କ ଉପରେ ବୋଜ୍ ବନୁଛି,
ଧିକାର୍ ଏହି ଜୀବନକୁ ବାପା ।

ବାପା ମୁଁ ଆଉ ତମକୁ
ଏହି ହାଡ଼ ଭଙ୍ଗା ଖରାରେ
କାମ କରିବାର କିପରି ଦେଖିପାରିବି।
ମୋ ହୃଦୟ କାନ୍ଦୁଛି.. ବାପା..
ବାପା ମୁଁ ଆଉ ତୁମ ଆଖିରେ
ଆଖି ମିଳେଇ ପାରୁନି,
ମୋ ଦ୍ୱାରା ଆଉ ମିଛେଇ
ଖେଳ ହେବନି,
ମୁଁ ଆଉ ବୋଜ୍ ବନି
ପାରିବିନି ବାପା।
ବାପା ମୋତେ କ୍ଷମା କରିଦେବେ..
ମୋ ସାମ୍ନାରେ ଥିବା ଫାଶି ର ଦଉଡ଼ି
ମୋତେ ଡାକୁଛି ବାପା ।

ବିଦାୟ ଦିଅ..
ବାପା ମୁଁ ଯାଉଛି....
ଆଉ ଫେରିବେନି ବାପା
ବାପା ମୁଁ ଯାଉଛି.... ।

ରେଗଡ଼ା, କର୍ଲାମୁଣ୍ଡା,
ଏମ ରାମପୁର, କଳାହାଣ୍ଡି
ପିନ ୭୬୬୧୦୨ ଦୂରଭାଷା
୬୩୭୧୮୨୭୦୩୧

### ଅଚିହ୍ନା ରାଇଜ

**ପ୍ରଶାନ୍ତ ବ୍ରହ୍ମା**

ଅଚିହ୍ନା ରାଇଜ ଅଚିହ୍ନା ମଣିଷ
ଲାଗେ କାହିଁ ଆପଣାର
ମନେ ଆସେ ଝଲ୍‌କ କେତେଯେ
କଳ୍ପନା
ସତେ ଅବା ସେ ନିଜର।

ମନେ ପକାଇଲେ ମନ ପଡେନାହିଁ
ତଥାପି ଲାଗେ ନିଜର
ସତେ ହୋଇଥାନ୍ତା କି ସେ
ମୋ ନିଜର
କହନ୍ତି କଥା ମନର।
ଅଚିହ୍ନା ରାଇଜ ଅଚିହ୍ନା ମଣିଷ
ଯାଆନ୍ତି ପାଖକୁ ତାର
ହୁଅନ୍ତା ହାଲୁକା ମନଟା ଯେ ମୋର
ଆସନ୍ତା ଯେବେ ପାଖର।


ସତେ ଜାଣିଛି ମୁଁ ତାକୁ ନା ସେ
ମୋତେ
ତଥାପି ଲାଗେ ନିଜର
ପଦଟିଏ କଥା ହେବା ପାଇଁ ପରା
ଅପେକ୍ଷାରେ ମନ ମୋର।

ପଳାଶପୁର,
ଖୋର୍ଦ୍ଧା

### ଯାଯାବର

**ସୁଧାକର ରାଉତ**

ଆପର ପଦୀ
ଅସମାପ୍ତ ସପନ ଗୁଡା
ଶୋଚନ୍ତି ଆରାମରେ
ସତେ ସେମାନଙ୍କୁ ଆପଣେଇବାକୁ
ନାହାନ୍ତି କି କାହି ।
ଏବେ ସିନା ସେମାନେ ଅସହାୟ
ଦିନେ ଜାଣତରେ ଆବା
ଅଜାଣତରରେ
କାହାକୁ କରୁଥିବେ ବିଚଳିତ ଅଥୁ ।
ଆବା କାହା ମନର ଶୁନ୍ ବିଛାରେ
ଶୁଣାଉଥିବେ ନାନା ବାଡା ଗୀତ ।
ବସର ସୁବାଷ ଲୁପ୍ତ ହୋଇଥିଲେ ବି
ସେହି ମାନେ ଏହା ଓଲଟାଏ
ଅତିତର ଅଲିଭା ଗିରିବା ଚକ୍ରେ
ଢ କଜଙ୍ଗ କଂଗମ୍ ଆଜ ଆଜ୍
ମତୁଲା ଅମୃତ ।
ଯନ୍ତ୍ରଣା ଯାତନା ଚକ୍ରବ୍ୟୁହରୁ
ମୁକ୍ତିକାମୀ ମନକୁ
ଦେବିବେ ଅସରା ଆଶ୍ରୟ ।
ନାହିଁ ଆଉ ଟଙ୍କା
ଯୋଜନା ଯୋଜନା ଗତି ।
ଯାଯାବର ପରି



ଅସ୍ଥିରତାରେ ଭରିଛି
ସତେ ଟଙ୍କା ମୁକ୍ତା ।

ପ୍ରତାପ ନଗରୀ , କଟକ
ମୋ - ୮୨୪୯୯୩୨୭୯୨

# ସ୍ୱାଧୀନତା ସଂଗ୍ରାମୀ ଉତ୍କଳ ଜ୍ୟୋତି ଗୟାଧର ବାରିକଙ୍କ ୧୫ତମ ସ୍ମୃତି ସମାରୋହ



ଭଦ୍ରକ,୨୬/୩ (ନି.ପ୍ର): ଅସାଧାରଣ ବ୍ୟକ୍ତିତ୍ୱ, ସେବା, ତ୍ୟାଗ, ତିତିକ୍ଷାର ଛାପ ଛାଡ଼ିଯାଇଥିବା ବ୍ୟକ୍ତି ମାନଙ୍କ ସ୍ମୃତି ଚାରଣା କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଓ ସେମାନଙ୍କ ଆଦର୍ଶକୁ ଉତ୍ତରପିଢ଼ୀମାନଙ୍କୁ ପରିଚିତ କରାଇ ସେଥିରେ ଅନୁପ୍ରାଣୀତ ହେବାକୁ ପ୍ରୋତ୍ସାହିତ କରିବା ସମାଜ ପାଇଁ ସ୍ୱାଗତ ଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ। ଆନୁଷ୍ଠାନିକ ଶିକ୍ଷା ସହ ନୈତିକତା ଓ ସଂସ୍କାର ଶିକ୍ଷାବିନା ଆଜିର ବିପଥଗାମୀ ଓ ଉଦ୍‌ଭ୍ରାନ୍ତ ଯୁବ ଗୋଷ୍ଠୀକୁ ସୁସାମାଜିକ କରାଇବା ସମ୍ଭବ ନୁହେଁ ଏବଂ ଏଥିରେ ପିତାମାତା, ଗୁରୁଜୀ ଏବଂ ଆମ ସମସ୍ତ ସଚେତନ ନାଗରିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳଜ୍ୟୋତି ଗୟାଧର ବାରିକ ସ୍ମୃତି ସଂସଦ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଗୟାଧର ବାରିକଙ୍କ ୧୫ତମ ସ୍ମୃତି ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ନିଜ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ।

ଅନୁଷ୍ଠାନର ସ୍ଥାୟୀ ସଭାପତି ଡ. ଭାଗବତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଉଦ୍‌ଘାଟକ ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ, ସର୍ବୋଦୟ ସଂଗଠକ, ସଭାପତି ସର୍ବଭାରତୀୟ ସେବାସଂଘ ସମ୍ବର୍ଦ୍ଧିତ ପ୍ରତିଭା ଆଦିତ୍ୟ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଆଧାତ୍ମିକ ପ୍ରବଚକ, ବେଦ ପୀୟୁଷର ସମ୍ପାଦକ ବିରେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ବକ୍ତା ଅବସରପ୍ରାପ୍ତ ପ୍ରାଧାପକ, ସମାଜସେବୀ ଓ ପ୍ରତିଷ୍ଠିତ ସାହିତ୍ୟିକ ଡଃ ବ୍ରଜମୋହନ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଗୟାଧର ପଣ୍ଡା ମଞ୍ଚ ଆହ୍ୱାନ କରିଥିଲେ, ସାମ୍ବାଦିକ, ସଂଗଠକ, ରୋଟିଆରନ୍ ସମାଜସେବୀ ଅତିଶ୍ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ନାସିର ବକ୍ସ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ସ୍ୱର୍ଗତ ବାରିକ୍‌ଙ୍କ ସୁପୁତ୍ର ଉପେନ୍ଦ୍ର କୁମାର ବାରିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଉଦ୍‌ଘାଟକ ଜିଲ୍ଲାପାଳ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ନାୟକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ପରିଡ଼ା ମାନପତ୍ର ପଠନ କରିଥିଲେ। ଗାନ୍ଧି ଓଡ଼ିଶା ବାଳାଶ୍ରମର ୨୦୨୩-୨୪ ମସିହାର 'ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଶାନ୍ତ ମାହୁନ୍ତ, ଭଦ୍ରକ ପୌରପାଳିକାର ୨୦୨୪ ମସିହାର କର୍ତ୍ତବ୍ୟନିଷ୍ଠ ସଫେଇ କର୍ମଚାରୀ ରାହୁଲ ନାୟକ, ଭଦ୍ରକ ଜିଲ୍ଲାର ଉଦୀୟମାନ ଯୁବ କ୍ରିକେଟ ଖେଳାଳୀ ସତ୍ୟକାମ ଭରଦ୍ୱାଜଙ୍କୁ ଦେବେନ୍ଦ୍ର ସ୍ମୃତି କ୍ରିକେଟ୍ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ଗୁରୁ ରାମନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ତ୍ୟାଗଭୂମିର ଅଜୟ ନାୟକ, ସମାଜସେବୀ ବୈଲୋଚନ ଜେନା, ଏସ୍.ଏମ୍. ଫାରୁକ୍, ଲଲାଟେନ୍ଦୁ ମହାନ୍ତି, କୈଳାଶ ମହାପାତ୍ର, ଶାନ୍ତନୁ ରାଉତ, ପବିତ୍ର ପାଣିଗ୍ରାହୀ, ବିଦ୍ୟାଧର ସାହୁ, ବାସୁଦେବ ବାରିକ୍, ସୁଧାକର ରାଉତ, କରୁଣାକର ଉପାଧ୍ୟାୟ, ବିଜୟ ବହଳୀ, ସୀତାକାନ୍ତ ଦାସ, ପବନ ଶର୍ମା, ଶିବ ଚରଣ ଖାମୁରାଇ, ମନୋରଞ୍ଜନ ମହାନ୍ତି, ଆଦିତ୍ୟ ନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ବ୍ୟୋମକେଶ ଚନ୍ଦନ କୁମାର ଜେନା, ଡ. ଅବିନାଶ ପ୍ରଧାନ, ରାଜେନ୍ଦ୍ର ବିଶ୍ୱାଳ, ଅଞ୍ଜନା ମିଶ୍ର, ଜାନକୀ ପାଢ଼ୀ, କୃପାସିନ୍ଧୁ ନାୟକ ପ୍ରମୁଖଙ୍କ ସହ ଆତ୍ମୀୟ ସ୍ୱଜନ ମଧ୍ୟରେ ସ୍ୱର୍ଗତ ବାରିକଙ୍କ ଜାମାତା ଇଂ ନାରାୟଣ ନାଗ, ବିଚିତ୍ରାନନ୍ଦ ଦାସ, ପ୍ରଦୀପ ପଲାଇ, ସନାତନ ଦାସ, ପୁତ୍ର ରାଜେନ୍ଦ୍ର ବାରିକ୍, କନ୍ୟା ରାଜଲକ୍ଷ୍ମୀ ବାରିକ୍, ଭାଗ୍ୟଲକ୍ଷ୍ମୀ ବାରିକ୍, ବିଜୟଲକ୍ଷ୍ମୀ ବାରିକ୍ ଓ ସିଦ୍ଧାର୍ଥ ବାରିକ୍ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

# ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳି : ତାରାତାରିଣୀଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଗଞ୍ଜାମ,୨୬/୩ (ନି.ପ୍ର): ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳି ଅବସରରେ ମା ତାରାତାରିଣୀଙ୍କ ପୀଠରେ ପ୍ରବଳ ଜନସମାଗମ ହୋଇଛି । ଗତ ଦୁଇଦିନ ଧରି ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବା ଫଳରେ ବାୟୁ ମଣ୍ଡଳ ଥଣ୍ଡା ଅନୁଭୂତ ହୋଇଥିବାରୁ ଏହା ଜନସମାଗମ ପାଇଁ ବେଶ ସହାୟକ ହୋଇଛି । ଗତକାଲି ବିଳମ୍ବିତ ରାତି ପରେ ଦ୍ୱାରଫିଟା, ମଂଗଳ ଆରତୀ ପୂଜା ପରେ ଶ୍ରଦ୍ଧାଳୁମାନେ ଧାଡିରେ ଶୃଙ୍ଖଳିତ ଭାବେ ମନ୍ଦିରକୁ ଯାଇ ମାଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରୁଛନ୍ତି । ହଜାର ହଜାର ଶିଶୁଙ୍କର ମୁଣ୍ଡନ କରି ପ୍ରଥମ କେଶକୁ ମାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ନିଜନିଜ ସନ୍ତାନ ମାନଙ୍କ ଦୀର୍ଘ ଜୀବନ ଓ ମଂଗଳ କାମନା କରିଛନ୍ତି ପରିବାର ଲୋକେ ଏବଂ ମନ୍ଦିର ପାଦଦେଶ କୁମାରୀ ପାହାଡ ତଳେ ଭୋଜିଭାତର ଆସର ଜମାଇଛନ୍ତି। ଏହି ଅବସରରେ ଅଂଚଳରେ ଶହ ଶହ ଅସ୍ଥାୟୀ ଦୋକାନ ବଜାର ଖୋଲିଛି। ପୁଲିସ୍ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲି ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଏହି ଅଂଚଳରେ ତଳୁ ପାହାଡର ଶିଖର ତଥା ମନ୍ଦିର ଯାଏ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ୯୯୯ ପାହଚ ଚଢ଼ି, କିମ୍ବା ରୋପୱେ ଅଥବା ବସରେ ପାହାଡ ଉପରକୁ ଯାଇ ମନ୍ଦିରରେ ମା ଙ୍କ ଦର୍ଶନ କରୁଛନ୍ତି । ସଂଧ୍ୟା ପର୍ଯ୍ୟନ୍ତ ଜନସମାଗମ ଲାଗି ରହିବା ଆଶା କରାଯାଉଛି।

ଗଞ୍ଜାମର ଗଣପର୍ବ ତଥା ୨୧ ଦିନିଆ ଦଣ୍ଡ ଯାତ୍ରା ଆଜି ଠାରୁ ଶହଶହ ଗ୍ରାମରେ ଆରମ୍ଭ ହୋଇ ଯାଇଛି । ଆସନ୍ତା ମେରୁ ସଂକ୍ରାନ୍ତି ଦିନ ଏହା ଉଦଯାପିତ ହେବ।

# ଏନସିସି କ୍ୟାଡେଟ ମାନଙ୍କ ଦ୍ୱାରା ମହିଳା ଦିବସ ପାଳିତ

ଜୟପୁର,୨୬/୩ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ମହିଳା ଦିବସ ଏନସିସି କ୍ୟାଡେଟ ମାନଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହୋଇଛି । ଏହି ଦିବସ ଅବସରରେ କ୍ୟାଡେଟ ମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତ ଅନୁଷ୍ଠିତ ହୋଇଛି । ସମସ୍ତେ ମିଶି ଶପଥ ଗ୍ରହଣ କରିଥିଲେ । ଏହି ଦିବସର ମୂଳ ଉଦ୍ଦେଶ୍ୟ ଥିଲା ମହିଳା ମାନେ ସମାଜରେ ସମ୍ମାନର ସହିତ ଆଗକୁ ବଢିପାରିବେ । ମହିଳା ମାନେ କୌଣସି ଗୁଣରେ କାହା ଠାରୁ କମ୍ ନୁହଁନ୍ତି । ନାରୀ ସଶକ୍ତ ହେଲେ ଦେଶର ମେରୁଦଣ୍ଡ ଆହୁରି ସୁଦୃଢ଼ ହେବ । କ୍ୟାଡେଟ ସ୍ମୃତି ପ୍ରଭା ଗିରି, ଏସଇଓ ଦେବସ୍ମିତା ବେନିଆ, ଜେୟୁଓ ଗୌରି ମୁଦୁଲି, କ୍ୟାଡେଟ୍ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସିଟିଓ ସନ୍ତୋସିନି ମୁଣ୍ଡା ପରିଚାଳନା କରିଥିଲେ ।

## ୫ମ ବାର୍ଷିକ ଦେଓଦା ବଳଦେବ ଜୀଉ ମେଲଣ ଉଦ୍‌ଯାପିତ

ଧର୍ମଶାଳା,୨୬/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଂଚାୟତରେ ୫ମ ବାର୍ଷିକ ବଳଦେବଜୀଉ ମେଲଣ ଉଦଯାପିତ ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ଏହି ମେଲଣ ଆରମ୍ଭ ହୋଇ ଆଜି ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଥିଲା। ସ୍ଥାନୀୟ ଅଂଚଳରୁ ୨୦ରୁ ଉର୍ଦ୍ଧ ଛୋଟ ବଡ ବିମାନ ଯୋଗଦେଇ ଫଗୁ ଖେଳିଥିଲେ । ଶ୍ରୀଶ୍ରୀ ଗୋପିନାଥ ଜୀଉ ବଳଦେବ ଜୀଉ ମଠ ଦେଓଦା ସମେତ ଶ୍ରୀଶ୍ରୀ ମଦନ ମୋହନ ଜୀଉ ସ୍ୱାଇଁସାହି, ଶ୍ରୀଶ୍ରୀ ମୁରଲୀ ମନୋହର ଜୀଉ ଠେଙ୍ଗିଆ ମଠ, ଶ୍ରୀ ରାଧା ମୋହନ ଜୀଉ ନାଉପାଳ, ଶ୍ରୀଶ୍ରୀ ଦଧିବାମନ ଜୀଉ ଉତରପ୍ରତାପ, ଶ୍ରୀ ମଦନ ମୋହନ ଜୀଉ କୁଣ୍ଡପାଟଣା, ଶ୍ରୀଶ୍ରୀ ରାଧାମାଧବ ଜୀଉ ନୀଳକଣ୍ଠପୁର, ଗୋପିନାଥ ଜୀଉ ବାଲିହୁଡା, ଶ୍ରୀ ରାଧାଗୋବିନ୍ଦ ଜୀଉ କାକୁଡିକୁଦ ଓ ଶ୍ରୀଶ୍ରୀ ବୃନ୍ଦାବନ ଜୀଉ ଚହଟା(ମହାନ୍ତି ସାହି) ଆଦି ବିମାନ ସମେତ ଅନ୍ୟ ଛୋଟ ଛୋଟ ବିମାନ ସାମିଲ ହୋଇଥିଲେ । ଦେଓଦା ଶ୍ରୀ ଗୋପିନାଥ ଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିବା ପରେ ସମସ୍ତ ବିମାନ ଏକତ୍ର ହୋଇ ଫଗୁ ଖେଳିଥିଲେ ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୨୬/୩ (ନି.ପ୍ର): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜୟପୁର ବ୍ଲକର ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଶିକ୍ଷଣୀୟ ପରିଭ୍ରମଣ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଜୟପୁର, ଗୋପବନ୍ଧୁ ତାଲିମ କେନ୍ଦ୍ର ଆଇଟିଆଇ ଆମ୍ବଗୁଡା, ପଲିଟେକନିକ ମହାବିଦ୍ୟାଳୟ, ରଣ୍ଡାପାଲି, ଡେରି ଲୟଲ କ୍ଷୀର ଉତ୍ପାଦନ କେନ୍ଦ୍ର, ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର, ଓ ଏଚ ପି ସି ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ବାରିଣୀପୁଟ ଆଦି ପରିଭ୍ରମଣ କରି ଅନେକ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଓ ଜ୍ଞାନ ଆରୋହଣ କରିଛନ୍ତି । ଛାତ୍ରଛାତ୍ରୀ ମାନେ ବସ ଯୋଗେ ସକାଳ ୮ଟା ରୁ ବିଇଓ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ବିଜ୍ଞାନ ଗବେଷଣା କେନ୍ଦ୍ର ପହଂଚି ସେଠାରେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଓ ବିଜ୍ଞାନ ସମ୍ବନ୍ଧୀୟ ଉପକରଣ ସବୁ ବୁଲି ଦେଖିଥିଲେ । ତା ପରେ ଗୋପବନ୍ଧୁ ତାଲିମ କେନ୍ଦ୍ରରେ ପହଂଚି ସେଠାର ବିଭିନ୍ନ ଯନ୍ତ୍ରପାତି ଉପକରଣ ସବୁ ଦେଖି ସେ ସମ୍ବନ୍ଧୀୟ ଜ୍ଞାନ ଆହୋରଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାମୀନାଥନ ଗବେଷଣା କେନ୍ଦ୍ର ଏବଂ କୋଲାବ ଡ୍ୟାମ ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଓ ଏଚ ପି ସି କୁ ନିଆଯାଇଥିଲା।

ଜୟପୁର ବ୍ଲକର ସମସ୍ତ ସିଆରସିସି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥି, ପ୍ରିୟମ୍ବଦା ପାତ୍ର କାର୍ଯ୍ୟାଳୟର କର୍ମକର୍ତା ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ, ଶଶିଭୂଷଣ ଦାସ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ ମିଶ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଦୀପକ ଦାସ, ମନୋରଞ୍ଜନ ପଲାଇ, ଅଭିମନ୍ୟୁ ପ୍ରଧାନ, ଶିକ୍ଷକ ସୁନୀଲ ପାଢ଼ୀ, ଓମ ପ୍ରକାଶ ମିଶ୍ର, ଅଭିଷେକ ଭୂଏ, ଇନ୍ଦ୍ର ପ୍ରଧାନ, ଶଙ୍କର ପ୍ରହରାଜ ଓ ଜୟପୁର ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ କରାଗଲେ ଛାତ୍ରଛାତ୍ରୀ ମାନଙ୍କର ବିଜ୍ଞାନ,ଧନ୍ଦାମୂଳକ ଓ ବୈଷୟିକ ଜ୍ଞାନର ଅଭିବୃଦ୍ଧି ହେବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି।

# ବାଜି ରାଉତ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର

ଭୁବନ,୨୬/୩ (ନି.ପ୍ର): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଘାଟିତ ହୋଇଯାଇଛି । ଏହି ଶିବିରକୁ ଅଧକ୍ଷ ପ୍ରଫୁଲ କୁମାର ଭୂୟାଁ ଉଦଘାଟନ କରି 'ଛାତ୍ରୀ ଆତ୍ମରକ୍ଷା ଭବିଷ୍ୟତର ସୁରକ୍ଷା' ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ଆତ୍ମରକ୍ଷା ଦାୟିତ୍ୱରେ ଥିବା ପ୍ରଭାରୀ ଅଧାପିକା ସୁଶ୍ରୀ ଶୁଭ୍ରସିଲକା ଦାସ ଓ ଟ୍ରେନର ପ୍ରମୋଦିନି ମାଝୀ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, ଅଧାପକ ସୁବାସ ଚନ୍ଦ୍ର ପତି, ଅଧାପିକା ଅନ୍ନପୂର୍ଣ୍ଣା ବେହେରା ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧରେ ବିଭିନ୍ନ ପ୍ରକାର କୌଶଳର ଉପାୟ ବୁଝାଇଥିଲେ ।

# ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବଙ୍କ ସମୀକ୍ଷା ବୈଠକ: ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ଆଦ୍ୱିକା କ୍ଲବ ଗଠନ ନିମନ୍ତେ ଗୁରୁତ୍ୱାରୋପ

ମାଲକାନଗିରି,୨୬/୩ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୋଭା ଶର୍ମା ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ବିଭାଗର ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଜଣାଇ ସମସ୍ତ ବିଭାଗର କାର୍ଯ୍ୟାନ୍ୱୟନ ଉପରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି କ୍ଷେତ୍ର ଗସ୍ତ କରି ବିଭିନ୍ନ ପ୍ରକଳ୍ପ କାମ ସବୁ ଭଲରେ ହୋଇଛି ବୋଲି ଶ୍ରୀମତି ଶର୍ମା ମତବ୍ୟକ୍ତ କରିଥିଲେ। ଜିଲ୍ଲା ନୋଡାଲ ସଚିବ ଭାବେ ଏହା ପ୍ରଥମ ବୈଠକ ଓ ଯେଉଁ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହୁଛି ସେଗୁଡିକୁ ଉପସ୍ଥାପନ କରିବାକୁ ଜିଲ୍ଲାଧିକାରୀ ମାନଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜନଜାତି ବିଦ୍ୟାଳୟ ଗୁଡିକର ଭିତିଭୂମି ସୁଦୃଢ଼ୀକରଣ ଓ ବାଳିକା ମାନଙ୍କର ସୁରକ୍ଷିତ ଭବିଷ୍ୟତ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ଆଦ୍ୱିକା କ୍ଲବ ଗଠନ କରିବା ପାଇଁ ଶ୍ରୀମତି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନଜିଓ ସହଯୋଗରେ ଲେଡି ସୁପରଭାଇଜର, ବିଦ୍ୟାଳୟ କର୍ମଚାରୀ ଓ ଅଭିଭାବକ ମାନଙ୍କୁ ନେଇ ବାଳିକା ମାନଙ୍କର ସୁରକ୍ଷିତ ଭବିଷ୍ୟତ ନେଇ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି । ବଣ୍ଡାଘାଟି ସମେତ ଅନେକ ପାହାଡିଆ ଦୁର୍ଗମ ଜନଜାତି ଅଧୁଷିତ ଅଂଚଳ ମାନଙ୍କରେ ବିଦ୍ୟାଳୟ ଭିତିଭୂମି ସହ ଶିକ୍ଷକ ମାନଙ୍କ ନିମନ୍ତେ କ୍ୱାଟର ବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଛି । ବାଲ୍ୟ ବିବାହ ମୁକ୍ତ ମାଲକାନଗିରି କରିବା ପାଇଁ ସ୍କୁଲ କଲେଜ ହସ୍ପିଟାଲ ଇତ୍ୟାଦି ସ୍ଥାନରେ ପେଂଟିଙ୍ଗ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାରେ ବାହାର ରାଜ୍ୟକୁ କର୍ମ ସନ୍ଧାନରେ ଯାଉଥିବା କର୍ମଜୀବିଙ୍କ ତଥ୍ୟ ଗୁରୁତ୍ୱର ସହ ନିରୀକ୍ଷଣ କରିବା ପାଇଁ ଶ୍ରମ ଅଧିକାରୀଙ୍କୁ କୁହାଯାଇଛି । ମନରେଗା ଓ ଆଇଟିଡିଏ ମାଧ୍ୟମରେ ଜନଜାତି ଅଧୁଷିତ ଅଂଚଳ ମାନଙ୍କରେ ରୋଜଗାର ପନ୍ଥା ପ୍ରଦାନ କରିବା ପାଇଁ କୁହାଯାଇଛି। ସେହିପରି ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ୍, ପାନୀୟ ଜଳ, ଖାଦ୍ୟ ଯୋଗାଣ ଓ ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା କରି ସେମାନଙ୍କର ସମସ୍ୟା ସଂପର୍କରେ ଅବଗତ ହୋଇଛନ୍ତି।

ପରିଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତକାଲି ଶ୍ରୀମତି ଶର୍ମା ନାକାମାମୁଡି ଗ୍ରାମ ପଂଚାୟତର ନିଲାପାରୀ ଆଦର୍ଶ ଗ୍ରାମ ଗସ୍ତ କରି ଇଣ୍ଟିଗ୍ରେଟେଡ ଫାର୍ମିଂ ସିଷ୍ଟମରେ ଆମ୍ବ ଓ ପରିବା ଚାଷ ପ୍ରଣାଳୀ ବୁଲି ଦେଖିଥିଲେ। ତା ସହିତ ପିଏମ ଜନମନ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଦେଖିଥିଲେ। ସେହିପରି ଚିତ୍ରକୋଣ୍ଡା ଗସ୍ତ କରି ଟେମ୍ପରାରି କଲୋନୀ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ପଚାରି ବୁଝିବା ସହ ଭିତିଭୂମି ମଧ୍ୟ ଅନୁଧ୍ୟାନ କରିଥିଲେ। କମାରଗୁଡା ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସଲାର କଲ୍ଡ ରୁମ୍, ଜାନବାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବଡପଡ଼ା ମିନି ମେଗା ପାଇପ୍ ୱାଟର ସପ୍ଲାଏ, ଏଜୁକେସନାଲ କମ୍ପ୍ଲେକ୍ସ ପରିଦର୍ଶନ କରିବା ପରେ ସୁଭଦ୍ରା, ମମତା ଓ ଆଇସିଡିଏସ ହିତାଧୀକାରୀଙ୍କ ସହ ବଡପଡ଼ା ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ଆଲୋଚନା କରିଥିଲେ।

## ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ର୍‍ୟାଲି

କେନ୍ଦ୍ରାପଡ଼ା,୨୬/୩ (ନି.ପ୍ର): ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରଣାଳୟ ଅଧିନରେ କାମ କରୁଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ର୍‍ୟାଲି କେନ୍ଦ୍ରାପଡା ସହରରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ନମୁନା ସର୍ବେକ୍ଷଣର ୭୫ବର୍ଷ ପୂର୍ତି ଉପଲକ୍ଷେ ଏହି କାର୍ଯ୍ୟାଳୟର କର୍ମଚାରୀମାନେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲା କାର୍ଯ୍ୟାଳୟ ନିକଟରେ ପହଁଚିଥିଲା । ଏହି ର୍‍ୟାଲି ମାଧ୍ୟମରେ ବଜାର କମିଟିଗୁଡିକର କର୍ମକର୍ତା ମାନଙ୍କୁ ଖୁଚୁରା ପାଇକାରି ମୂଲ୍ୟର ସୂଚକାଙ୍କ ଗଢିବାରେ ସାହାଯ୍ୟ କରୁଥିବାରୁ ଧନ୍ୟବାଦ ଜ୍ଞାପନ କରା ଯାଇଥିଲା । କାର୍ଯ୍ୟାଳୟ ର ମୁଖ୍ୟ ଅନୁପମ ଲାଇରିଙ୍କ ତତ୍ତ୍ୱାବଧାନରେ ଏନଏସ ତରଫରୁ ଚାଲୁଥିବା ରୋଜଗାର, ବେରୋଜଗାର, ସାମାଜିକ, ଅର୍ଥନୈତିକ ଓ ଅଣ କୃଷିଭିତିକ ଶିଳ୍ପ ବିଷୟରେ ଆଲୋକପାତ କରିବା ସହ ସର୍ଭେର ଉପାଦେୟତା ଉପରେ ଆଲୋଚନା କରିଥିଲେ । ଏହି ପଦଯାତ୍ରା ସମୟରେ ତପନ କୁମାର ମିଶ୍ର, ବିଶ୍ୱଜିତ ପାଣିଗ୍ରାହୀ, ସୌମେନ୍ଦ୍ର କୁମାର ନାୟକ, ଜିତେନ୍ଦ୍ର ପତି, ସଂଜୟ କୁମାରଦାସ ପ୍ରମୁଖ ସହଯୋଗ କରିଥିଲେ।

# ଜମି ଅଧିଗ୍ରହଣ ବିସ୍ଥାପନ ଓ ପୁନରୁଦ୍ଧାର ନିୟମ ଖିଲାପ୍ ବିରୁଦ୍ଧରେ ଧାରଣା

ସମ୍ବଲପୁର,୨୫/୩ (ନି.ପ୍ର): ଜମି ଅଧିଗ୍ରହଣ ବିସ୍ଥାପନ ଓ ପୁନରୁଦ୍ଧାର ନିୟମ ଖିଲାପ୍ ବିରୁଦ୍ଧରେ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀରୁ ଶହଶହ ମହିଳା ଓ ପୁରୁଷ ଯୁବନେତା ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଏନଟିପିସି ଦର୍ଲିପାଲୀ ତାପଜ ବିଦ୍ୟୁତ୍ କମ୍ପାନୀର ବେନିୟମ କାମ ଯେତିକି ଉଜାଗର ହେବାରେ ଲାଗିଛି, ଏବେ ସେତିକି ଚାପରେ ଜିଲ୍ଲା ପ୍ରଶାସନ ଓ କମ୍ପାନୀ ଅଧିକାରୀ । ଆର୍ ଟି ଆଇ ରିପୋର୍ଟରେ ଗ୍ରାମସଭାକୁ ଅବୈଧ କୁହାଯାଇଥିବା ବେଳେ, ଏସ୍ ପଣ୍ଡ ଓ କେପ୍ଟିଭ ପ୍ଲାଂଟ କେଉଁ ଜାଗାରେ ହେବ ଓ ଯଦି ହେବ ଏହା ଉପରେ କଣ ଅଭିଯୋଗ ଅଛି ତା ସହିତ ଜମି ଅଧିଗ୍ରହଣ ଓ ତାର ପ୍ରାପ୍ୟକୁ ନେଇ କଣ କରାଯିବ ଲୋକଙ୍କ ଠାରୁ ସହମତି ନିଆ ନ ଯାଇ ନେତା, ପ୍ରଶାସନିକ ଅଧିକାରୀ, ଦଲାଲ ଓ କମ୍ପାନୀ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାର ପ୍ରମାଣ ପ୍ରଶାସନ ଓ କମ୍ପାନୀକୁ ଦୋହଲାଇ ଦେଇଛି । କିଛି ଦିନ ଆଗରୁ ଏହି ଆସପଣ୍ଡ ଓ ତାପଜ ବିଦ୍ୟୁତ୍ ପ୍ଲାଣ୍ଟକୁ ନେଇ ଆନ୍ଦୋଳନ ପରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଲୋକଙ୍କ ଅବିଶ୍ୱାସ ପ୍ରଦର୍ଶନ ଓ ସେଣ୍ଟ୍ରାଲ ପାୱାର ମିନିଷ୍ଟ୍ରି ସହିତ ସେଂଟ୍ରାଲ ଇଲେକ୍ଟ୍ରିକାଲ ଅଥରିଟୀଙ୍କ ଦର୍ଲିପଲି ପଂଚାୟତ ବରୋବାଗାର ଓ ଆଲୁ ପଡ଼ା ଗ୍ରାମକୁ ଆସି ଏସ ପଣ୍ଡ ପରିଦର୍ଶନ ଓ ପରେ ଗ୍ରାମବାସୀଙ୍କ ସହିତ ସଭା ଅଧିକାରୀଙ୍କ ବେନିୟମରେ ପରଦା ଫାର୍ସ କରିଥିବା ବେଳେ ପ୍ରଶାସନ ଏବେ ଅସହିଷ୍ଣୁ ହୋଇପଡ଼ିଛି।

କେନ୍ଦ୍ରୀୟ କମିଟିଙ୍କ ସହିତ ସଭା ସମୟରେ ଯୁବ ନେତା ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀ ଏନ୍ ଟି ପି ସି କୁ ଆକ୍ଷେପ କରି, କମିଟି ସଦସ୍ୟଙ୍କୁ ପ୍ରଶ୍ନ କରିଥିଲେ ଯଦି ଲୋକଙ୍କୁ ପ୍ରଦୂଷଣ ଇ ଦୁର୍ଘଟଣାକୁ ନେଇ ଅସୁବିଧା ହେଉଛି ଓ ଗ୍ରାମ ର ୮୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇ ସାରିଛି ତାହେଲେ ବାକି ଜମି ପାଇଁ ଜିଲ୍ଲା ପ୍ରଶାସନ କାହିଁକି ପଦକ୍ଷେପ ନେଉନାହିଁ ।

ଏହାକୁ ନେଇ ଆଜି ଶତାଧିକ ମହିଳା ପୁରୁଷ ବାରମ୍ବାର ସୁନ୍ଦରଗଡ ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି ଓ ଏନ୍ ଟି ପି ସି ଆସ ପଣ୍ଡ ସହିତ ତାପଜ ବିଦ୍ୟୁତ୍ କାରଖାନାକୁ ଅବରୋଧ କରା ହୋଇଛି, କିନ୍ତୁ ଲୋକଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କ ବିରୁଦ୍ଧରେ ନ୍ୟାୟାଳୟକୁ ଯିବାର ଡର ଦେଖାଉଛି। ଦିନକୁ ୧୫ ୦୦୦ ଟନ କୋଇଲା ଜଳି ପରିବେଶକୁ ଗରମ ଓ ବାୟୁମଣ୍ଡଳକୁ ପ୍ରଦୂଷଣ କରୁଥିବା ବେଳେ ଦିନକୁ ପ୍ରାୟ ୪୦୦୦ ଟନ ପାଉଁଶ ବାହାରି ଚାଷ ଜମି, ପୋଖରୀ ସହିତ ସମସ୍ତ ଜଳାଶୟ ଓ ଘର ଦ୍ୱାର ଗଛ ପ୍ରଭୃତି ପ୍ରଦୂଷଣର ଶିକାର ହେଉଛି ।

ଏନ୍ ଟି ପି ସି ର ପ୍ରଦୂଷଣ ଓ ଦୁର୍ଘଟଣାର ଶିକାର ଆଲୁପଡା। ଓ ବୋରୋବଗା ଗ୍ରାମକୁ ଅଧିଗ୍ରହଣ ନ କରି, ଜଙ୍ଗଲ ପାଖରେ ବେନିୟମ ଭାବରେ ଅର୍ଥ ଆଦାୟ ପାଇଁ ନିର୍ମାଣ ହୋଇଥିବା ଘର ଗୁଡ଼ିକ ରୁ କୋଟି କୋଟି ଟଙ୍କା ପାଇବା ପାଇଁ କାହିଁକି ଏନ୍ ଟି ପି ସି ଅଧିଗ୍ରହଣ କରିବାକୁ ଚେଷ୍ଟା କରୁଛି ଓ ଏହା ପଛରେ କାହାର ହାତ ଅଛି ଓ ଆସନ୍ତା ୧୮/୦୩/୨୦୨୫ ରେ କାହିଁକି ଗ୍ରାମସଭା ଡାକରା ଦିଆ ହୋଇଛି ଲୋକଙ୍କ ମନରେ କ୍ଷୋଭ ହେବାକୁ ନେଇ ଓ ଜିଲ୍ଲା ପ୍ରଶାସନ ତଥା ଏନ୍ ଟି ପି ସି ଦ୍ୱାରା ଲୋକଙ୍କ ସ୍ୱାର୍ଥ କୁ ନେଇ କାମ ନ କରିବାରୁ ଆଜି ଆର୍ ଡି ସି କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ଏହା ଛଡ଼ା ମନୋହର ପୁର ଓ ସି ପି ଏଲ ଦ୍ୱାରା ବିସ୍ଥାପିତ ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାରର ପ୍ରାପ୍ୟ ଓ ଝିଅ ମାନଙ୍କୁ ପଣ ନାତୁଣୀ କହି ତାଙ୍କୁ ଆର୍ ଏଣ୍ଡ ଆର୍ ପଲିସି ରେ ସାମିଲ ନ କରିବାରୁ ସେମାନେ ବି ଆସି ଧାରଣାରେ ବସି ଥିଲେ। ଆର୍ ଡି ସି ଙ୍କ ଅନୁପସ୍ଥିତିରେ ଆର୍ ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠିଙ୍କ ସହିତ ପ୍ରାୟ ଦେଢ଼ ଘଂଟାର ଚର୍ଚ୍ଚା ହୋଇଥିଲା। ଡାକ୍ତର ଷଡ଼ଙ୍ଗୀ ସମସ୍ତ ନଥିପତ୍ର ଓ ପ୍ରମାଣ ସହିତ ତର୍କ ରଖି କହିଥିଲେ, ଯଦି କମ୍ପାନୀ ଗୁଡ଼ିକ ବେନିୟମ କାମ କରି ସରକାର ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଭ୍ରମିତ୍ କରି ବିସ୍ଥାପନ ସମସ୍ୟା ଦିଗରେ ଲୋକଙ୍କୁ ଅତ୍ୟାଚାର କରୁଛନ୍ତି, ତାଙ୍କ ଉପରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ କାହିଁକି କରାଯାଉ ନାହିଁ । ଉଲ୍ଲେଖ ଯୋଗ୍ୟ ଯେ, ଯେତେବେଳେ ଏନ୍‌ଟିପିସି କମ୍ପାନୀକୁ ୩୫୦୦ ଏକଡ଼ ରୁ ବେଶୀ ଜମି ଅଧିଗ୍ରହଣ କରିବା କଥା ଏହା ନ କରି ମାତ୍ର ୧୪୦୦ ଏକଡ଼ ନିଜ ରୟତି ଜମି ଓ ବାକି ୪୦୦ ଏକଡ଼ ସରକାରୀ ଜମିକୁ ଅଧିଗ୍ରହଣ କରି ଲୋକଙ୍କୁ ବିସ୍ଥାପନ ନୀତିରେ ଅନେକ ଖର୍ଚ୍ଚ ହେବ କହି, ଅନ୍ୟ ଗ୍ରାମର ଜମି ଅଧିଗ୍ରହଣର ପ୍ରୟାସ କରୁଛି ।

କିନ୍ତୁ, ଏହି ଦୁଇ ଗ୍ରାମ ରେ ଲୋକଙ୍କ ର ମାତ୍ର କିଛି ଜମି କୁ ଛାଡ଼ି ଯେଉଁଠାରେ ପ୍ରଦୂଷଣ ପାଇଁ ଚାଷ ବି ହେବ ନାହିଁ ବାକି ଜୀବନ ଜୀବିକା ଦିଗରେ କୁଠାରଘାତ କରୁଥିବାରୁ ଆସନ୍ତା ୦୧/୦୪/୨୦୨୫ ଉତ୍କଳ ଦିବସରେ ପୁଣି କମ୍ପାନୀକୁ ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପଶ୍ଚିମ ଓଡ଼ିଶା ବିକାଶ ପାଇଁ ନୂତନ ପରିକଳ୍ପନା ଆବଶ୍ୟକ

ସମ୍ବଲପୁର,୨୫/୩ (ନି.ପ୍ର): ପଶ୍ଚିମ ଓଡିଶାର ଅର୍ଥନୈତିକ ବିକାଶର ବିଶ୍ଳେଷଣ କଲେ ଦେଖାଯାଏ ଯେ ଆଞ୍ଚଳିକ ବୈଷମ୍ୟ ଓଡ଼ିଶାର ବିକାଶର ଏକ ବିଶେଷ ଦିଗ ହେଇ ଦେଖା ଦେଇଛି। ଏହାର ଏକ ଭୌଗଳିକ ଓ ଐତିହାସିକ ଦିଗ ମଧ୍ୟ ରହିଛି। ଉପନିବେଶବାଦ ସମୟରୁ ହିଁ ଆଭ୍ୟନ୍ତରୀଣ ଓଡିଶାକୁ ଏକ ନିଷ୍କର୍ଷଣର କ୍ଷେତ୍ର ଭାବରେ ଦେଖାଯାଇଥିଲା। ପ୍ରାକୃତିକ ସମ୍ପଦକୁ ଶୋଷଣ କରାଯାଇଥିଲା। ଏ ଅଂଚଳର ଆଦିବାସୀ ଓ ଦଳିତ ବର୍ଗଙ୍କୁ ଜଳ, ଜଙ୍ଗଲ ଓ ଜମିରୁ ଉଚ୍ଛେଦ କରିବାର ଏକ ପ୍ରକ୍ରିୟାର ସୂତ୍ରପାତ ସେବେଳରୁ ହିଁ ହୋଇ ସାରିଥିଲା। ପରବର୍ତୀ ସମୟରେ, ସ୍ୱାଧୀନୋତର ଭାରତରେ ଏହି ଅଂଚଳରେ ପୂର୍ବତନ ସାମନ୍ତବାଦୀ ଗୋଷ୍ଠୀ ହିଁ ଜଣ ପ୍ରତିନିଧି ହେଲେ ଓ ସେଇ ସାମନ୍ତବାଦୀ ବ୍ୟବସ୍ଥା ବହୁ ଦିନ ଯାଏଁ ବଳବତର ରହିଲା। ଆଂଚଳିକ ବୈଷମ୍ୟକୁ ଏକ ସମସ୍ୟା ଭାବରେ ବିଚାର କରାଗଲେ ମଧ, ଦେଶର ବିକାଶନୀତି ପରୋକ୍ଷରେ ଆଂଚଳିକ ବୈଷମ୍ୟକୁ ଆହୁରି ଗଭୀର କରିଛି। ଏ ଅଂଚଳରେ ସରକାରୀ ପୁଞ୍ଜି ବିନିଯୋଗ ଦ୍ୱାରା ଶିଳ୍ପାୟନ ହେଲା, କିନ୍ତୁ ସେଥିରେ ବିସ୍ଥାପିତ ଲୋକଙ୍କୁ ନ୍ୟାୟୋଚିତ ଥଇଥାନ କରାଗଲା ନାହିଁ। ବୃହତ ଶିଳ୍ପାୟନ କେବଳ ଏକ ବିଚ୍ଛିନ୍ନ ଦ୍ୱୀପ ଭଳି ଏ ଅଂଚଳରେ ରହିଲା। ବିକାଶର ବିଭିନ୍ନ ପରିମାପକକୁ ନେଇ ବିଶ୍ଳେଷଣ କଲେ ଜଣାଯାଏ ଯେ ଉପକୂଳ ଓଡିଶା ତୁଳନାରେ ପଶ୍ଚିମ ଓ ଦକ୍ଷିଣ ଓଡିଶା ଏବେବି ପଛୁଆ ହୋଇ ରହିଛି। ରାଜ୍ୟର ଅର୍ଥନୀତି ବିକଶିତ ହେଲେ ମଧ ଆଂଚଳିକ ବୈଷମ୍ୟ ବଢୁଛି। ତେବେ ଓଡ଼ିଶାରେ ଆଂଚଳିକ ବୈଷମ୍ୟ ଓ ଜାତିଗତ ବୈଷମ୍ୟ ମଧ୍ୟରେ ଏକ ଗଭୀର ଯୋଗସୂତ୍ର ରହିଛି ଓ ଗୋଟିକୁ ଛାଡି ଆରଟିର ସମାଧାନ କରି ହେବ ନାହିଁ। ପଶ୍ଚିମ ବା ଆଭ୍ୟନ୍ତରୀଣ ଓଡ଼ିଶାର ବିକାଶ କଥା କହିଲାବେଳେ ଏଠିକାର ଆଦିବାସୀ ଓ ଦଳିତଙ୍କ ପ୍ରଶ୍ନକୁ ଅଗ୍ରାଧିକାର ଦିଆଯିବ ଉଚିତ। ଠିକ ସେଇଭଳି, ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ମହିଳାଙ୍କ ସ୍ଥିତିକୁ ବିଚାର କରାଯିବା ଦରକାର। ଏବର ସମୟରେ ଓଡ଼ିଶାରେ ବିକାଶର ମୂଳ ବିନ୍ଦୁ ହେଉଛି ଖଣିଜ ଦ୍ରବ୍ୟ ଆଧାରିତ ଶିଳ୍ପାୟନ। ଏହାଦ୍ୱାରା ଝାରସୁଗୁଡା ଭଳି ଅଂଚଳକୁ ବିକଶିତ କୁହାଯାଉଛି। ଏଭଳି ବିକାଶରେ ସ୍ଥାନୀୟ ଲୋକଙ୍କ ସ୍ଥାନ ଆଶାନୁରୂପ ନୁହେଁ। ପୁଣି ପରିବେଶ ପ୍ରଦୂଷଣ ଲୋକଙ୍କ ଜୀବନ ଜୀବିକାକୁ ସଂକଟରେ ପକାଉଛି। ପଶ୍ଚିମ ଓଡିଶା ପାଇଁ ବିକାଶର ଏକ ନୂତନ ପରିକଳ୍ପନା ଦରକାର। ପ୍ରଚଳିତ ବିକାଶର ସମ୍ପ୍ରସାରଣ କଲେ ସମାଜର ଗୋଟିଏ ଗୋଷ୍ଠୀ ହୁଏତ ଲାଭବାନ ହେବେ, କିନ୍ତୁ ଏ ଅଂଚଳର ଅଧିକାଂଶ ଲୋକ ସେ ବିକାଶରୁ ବଂଚିତ ହୋଇ ରହିବେ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଂଟନ

କେନ୍ଦ୍ରାପଡ଼ା,୨୬/୩ (ନି.ପ୍ର): ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସହାୟକ ଉପକରଣ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜୟର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଭିନ୍ନକ୍ଷମ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

# କଂଗ୍ରେସ ନେତାମାନଙ୍କୁ ଗିରଫ ପ୍ରତିବାଦରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ଓ କୁଶ ପୁତ୍ତଳିକା ଦାହ




ବାଲେଶ୍ୱର, ୨୬/୩ (ନି.ପ୍ର): ଗତ କାଲି ରାତିରେ ବିଧାନ ସଭା ଭିତରେ କଂଗ୍ରେସ ବିଧାୟକ ମାନେ ବାଚସ୍ପତି ସୁରମା ପାଢ଼ୀ ଙ୍କ ନିଷ୍ପତ୍ତି କୁ ବିରୋଧ କରି ଗୃହ ର ମଧ୍ୟଭାଗ ରେ ରାତିସାରା ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗତ କାଲି ରାତିରେ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ରେ ଦଳ ର ବହୁ କର୍ମକର୍ତ୍ତା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ମାନେ ଧାରଣା ସ୍ଥଳ ରେ ବସିଥିବା ବିଧାୟକ ମାନଙ୍କୁ ଗୃହ ର ଲବି ରେ ସାକ୍ଷାତ କରିବାକୁ ଯାଉଥିଲା ବେଳେ ବିଧାନସଭା ଭିତରେ ରାଜ୍ୟ ପୋଲିସ ଏହି ନେତା ମାନଙ୍କୁ ବିଧାନ ସଭା ଭିତରେ ଦୁର୍ବ୍ୟବହାର କରିବା ସହ ସେମାନଙ୍କୁ ବଳ ପୂର୍ବକ ଗିରଫ କରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଛାଡିବା ଓ ପବିତ୍ର ଗୃହ ରେ ନିଲମ୍ବନ ଓ ନାରୀ ସୁରକ୍ଷା ପ୍ରସଙ୍ଗ ର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଦାବି ରେ ଗୃହ ରେ ଧାରଣା ଦେଇଥିବା କଂଗ୍ରେସ ବିଧାୟକ ମାନଙ୍କୁ ପୋଲିସ କର୍ମଚାରୀ ମାନେ ଖରାପ ବ୍ୟବହାର କରି ସେମାନଙ୍କୁ ପିସିସି ଅଫିସ ସମ୍ମୁଖରେ ଛାଡିବା ଘଟଣା କୁ ଦଳ ନିନ୍ଦା କରିଛି। ଏହି ପରିପ୍ରେକ୍ଷୀ ରେ ପି ସି ସି ସଭାପତି ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଙ୍କ ନେତୃତ୍ୱ ରେ ଫକୀରମୋହନ ଗୋଲେଇ ରେ ବାଚସ୍ପତି ଙ୍କ ଏଭଳି ତ୍ରୁଟି ପୂର୍ଣ୍ଣ ନିଷ୍ପତି ଓ ପୋଲିସ ର ଅମାନୁଷିକ କାର୍ଯ୍ୟ କଳାପ ବିରୋଧରେ ପ୍ରତିବାଦ କରାଯାଇଛି। ଏହି ଅବସର ରେ କଂଗ୍ରେସ କର୍ମୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ନିଜର ପ୍ରତିକ୍ରିୟା ରେ କହିଛନ୍ତି କି, ବାଚସ୍ପତି ନିଜେ ଜଣେ ନାରୀ. ସେ କଂଗ୍ରେସ ବିଧାୟକ ମାନଙ୍କ ନାରୀ ନିର୍ଯ୍ୟାତନା, ମହିଳା ଚାଲାଣ, ଯୌନ ନିର୍ଯ୍ୟାତନା ଘଟଣା ନ'ମାସ ମଧ୍ୟରେ ବୃଦ୍ଧି ଘଟଣା ଉପରେ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଗତ ଦଶ ଦିନ ହେଲା ଅନୁମତି ଦେଲେ ନାହିଁ। ତେଣୁ ଖୋଦ ବାଚସ୍ପତି ନାରୀ ସମାଜ ର ବିରୋଧୀ ବୋଲି ପ୍ରମାଣିତ ହୋଇଯାଇଛି। କଂଗ୍ରେସ ବିଧାୟକ ମାନେ ବିଗତ ଦଶ ଦିନ ହେଲା ବାଚସ୍ପତି ଙ୍କ ପାତର ଅନ୍ତର ନୀତି କୁ ବିରୋଧ କରି ଗଣତାନ୍ତ୍ରିକ ଉପାୟ ରେ ଗୃହ ଭିତରେ ଓ ବାହାରେ ପ୍ରତିବାଦ କରୁଛି। ସେହିପରି ବାଚସ୍ପତି ଗୃହ କମିଟି ଗଠନ କରିବା ଦାବି କୁ ମାନିବାକୁ କାହିଁକି ରାଜି ହେଉନାହାନ୍ତି। ବିଧାନସଭାର ସୁରକ୍ଷା ଦାୟିତ୍ୱ ରେ ମାର୍ଶାଲ ମାନେ ଥିବା ବେଳେ ପୋଲିସ କୁ ବିଧାନସଭା ଭିତରକୁ ପ୍ରବେଶ କରିବାକୁ କିଏ ଅନୁମତି ଦେଲେ କିଏ ବୋଲି ଶ୍ରୀ ଗିରି ପ୍ରଶ୍ନ କରିଛନ୍ତି। ବିଧାନସଭା ଭିତରକୁ ପୋଲିସ ବାହିନୀକୁ ପ୍ରବେଶ କରିବାକୁ ବାଚସ୍ପତି ଅନୁମତି ଦେଇଛନ୍ତି କି ବୋଲି ଶ୍ରୀ ଗିରି ପ୍ରଶ୍ନ କରିବା ସହ ବାଚସ୍ପତି ଙ୍କ ଏଭଳି ନିଷ୍ପତ୍ତି ପଛରେ ମୁଖ୍ୟମନ୍ତ୍ରୀ ଙ୍କ ପ୍ରଚ୍ଛନ ହାତ ଥିବାରୁ କଂଗ୍ରେସ ଦଳ ଆଗାମୀ ଦିନରେ ଗଣତନ୍ତ୍ର ର ସୁରକ୍ଷା ଓ ବିଧାୟକ ମାନଙ୍କ ସ୍ୱାଧୀକାର ରକ୍ଷା ପାଇଁ ଆନ୍ଦୋଳନ କୁ ତୀବ୍ର କରିବ ବୋଲି କହିଛନ୍ତି।. ଏହି କାର୍ଯ୍ୟକ୍ରମରେ କାଉନସିଲର ପଦ୍ମଲୋଚନ ଲେଙ୍କା, କୃଷ୍ଣ ଗୋପାଳ ପଣ୍ଡା,ଗୋପୀନାଥ ପାଢ଼ୀ, ଯୁବ ନେତା ସରୋଜ କୁମାର ଲେଙ୍କା, ନାରୀ ନେତ୍ରୀ ଜୋସ୍ନା ସେନାପତି,ରାଜ୍ୟ ସମ୍ପାଦକ ଅର୍ଚନା ନନ୍ଦି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ଜୀବନ ମହାପାତ୍ର, ଦେବଦତ୍ତ ଦାସ ଏବଂ ସଂଯୁକ୍ତା ବେହେରା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି ଘଣ୍ଟ ଘଣ୍ଟା ବଜାଇ ପ୍ରତିବାଦ କରିଥିଲେ।

# ଶିଶୁ ବାଟିକା ଯୋଜନାରେ ନିମନ୍ତ୍ରଣ ପତ୍ର ପ୍ରଦାନ

ଜଳେଶ୍ୱର, ୨୬/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଜି ସକାଳ ଆଠ ଘଟିକା ସମୟରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହରେକୃଷ୍ଣ ଜେନାଙ୍କ ଆହ୍ୱାନରେ ଆରୁହା ପଞ୍ଚାୟତ ଶାଳୀକୋଠା ଗ୍ରାମର ୫ ନମ୍ବର ୱାର୍ଡ଼ ଦିଗଯୋଡି ସାହିରେ ୫ ବର୍ଷରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଙ୍କ ପାଇଁ ଶିଶୁ ବାଟିକା ଏବଂ ୬ ବର୍ଷରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଥମ ଶ୍ରେଣୀରେ ଏପ୍ରିଲ୍ ୨ ତାରିଖରୁ ୫ତାରିଖ ମଧ୍ୟରେ 'ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ' କାର୍ଯକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରିତ ହୋଇଥିବ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ସରପଞ୍ଚ ତପନୀ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଦସ୍ୟା ମଧୁମିତା ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ସ୍କୁଲ କମିଟିର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଦାର ଚରଣ ଗିରି,ସହକାରୀ ଶିକ୍ଷକ ସଞ୍ଜୀବ କୁମାର ପ୍ରାମାଣିକ ଏବଂ ବାବୁଲୁ ମୁର୍ମୁ,ଅଙ୍ଗନବାଡି କର୍ମୀ କିରଣ ବାଳା ମାହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ, ସମାଜ ସେବୀ ଶ୍ରୀକଣ୍ଠ ମହାନ୍ତି ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ,ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

# ସମଗ୍ର ଶିକ୍ଷା ଅଭିଯାନର ବିଦ୍ୟାଳୟସ୍ତରୀୟ ସଭା




ବାଲିଆପାଳ , ୨୬/୩ (ନି.ପ୍ର): ବିଦ୍ୟାଳୟ ର ସର୍ବାଙ୍ଗୀନ ଉନ୍ନତି ପାଇଁ ଆସୁଥିବା ଅର୍ଥ ର ସଠିକ୍ ବିନିଯୋଗ ହେବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ସମଗ୍ର ଶିକ୍ଷା ଅଭିଯାନ (ସୋସିଆଲ ଅଡିଟ) କାର ?ୟକ୍ରମ ରାଜ୍ୟ ବ୍ୟାପୀ ସମସ୍ତ ବ୍ଲକ ରେ ଅନୁଷ୍ଠିତ ହେଉଛି। ଏହି ସୋସିଆଲ ଅଡିଟ ପାଇଁ ବାଲିଆପାଳ ବ୍ଲକ ରେ ମୋଟ ୧୭ ଟି କ୍ଲଷ୍ଟର ରେ ୬୧ ଟି ବିଦ୍ୟାଳୟ କୁ ଚୟନ କରାଯାଇଛି। କୁଞ୍ଜବିହାରୀ କୃପାସିନ୍ଧୁ ତାପୁଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନ ୧୧ ଟା ସମୟରେ ତିନି ଦିନ ଧରି ଚାଲିଥିବା ଅଡିଟ କାର୍ଯ୍ୟରେ ସମୀକ୍ଷା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ପ୍ରଧାନ ଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ଶିକ୍ଷାବିତ ଭଗୀରଥ ଗିରି, ଶିକ୍ଷକ ପରାମାନନ୍ଦ ଦେ ଯୋଗଦେଇ ଥିଲେ।ବ୍ଲକ ସୋସିଆଲ ଅଡିଟର ସଞ୍ଜିବ କୁମାର ଜେନା ବିଦ୍ୟାଳୟ ର ପାନୀୟ ଜଳର ଗୁଣାବତା, ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା ,ବିଦ୍ୟୁତ ସଂଯୋଗ ଖେଳ ପଡ଼ିଆ , ପାଠାଗାର ଉପଲବ୍ଧ ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କ୍ଲଷ୍ଟର ସ୍ତରୀୟ ଅଡିଟର ରାମେଶ୍ୱରୀ ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ତିନି ଧରି ଏହି ଅଡିଟ ର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ରାଜେଶ ଅଣ୍ଡିଆ, ଚିତ୍ତରଞ୍ଜନ ପଣ୍ଡା, ଜୟନାରାୟଣ ମହାପାତ୍ର,ଙ୍କ ସମେତ ପରିଚାଳନା କମିଟି ଓ ଆଲୁମିନୀ କମିଟି ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର , ୨୬/୩ (ନି.ପ୍ର): ବାସୁଦେବପୁର ସହରରେ ଥିବା ଆଦର୍ଶ ଶିକ୍ଷା ଅନୁଷ୍ଠାନ ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଜୟ କୁମାର ବଳ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମଙ୍ଗଳପୁର କଲେଜର କେମେଷ୍ଟ୍ରି ବିଭାଗ ଅଧ୍ୟାପକ ପଙ୍କଜ କୁମାର ଜେନା। ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଲେ ବର୍ତ୍ତମାନ ଆମ ଶିକ୍ଷା ବ୍ୟବସ୍ଥା ର ପରିବର୍ତ୍ତନ ଘଟିଛି। ଗୁରୁଜନ ମାନଙ୍କୁ ସର୍ବଦା ପ୍ରଣାମ କରିବା ଉଚିତ୍। ଦେଶ ପ୍ରେମ, ସେବା,କର୍ତ୍ତବ୍ୟ ଓ ସମୟକୁ ସମ୍ମାନ ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଲେ ନିଶ୍ଚିତ ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ କରି ପାରିବେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ତଥା ସାହିତ୍ୟିକା ସ୍ନିଗ୍ଧା ମହାନ୍ତି। ଶ୍ରୀମତୀ ମହାନ୍ତି ଶିକ୍ଷା ସାହିତ୍ୟ ଓ ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ତପନ କୁମାର ବାରିକ। ଏହି ଅବସରରେ ଶିକ୍ଷକ,ସାହିତ୍ୟିକ ଓ କବି ସଦାନନ୍ଦ ପାଣିଗ୍ରାହୀ ଙ୍କୁ ଓ ଆଦର୍ଶ ମାଆ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ପ୍ରଧାନ ଆଚାର୍ଯ୍ୟ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଏସ୍. ଇ. ରେଳବାଇ - ଟେଣ୍ଡର


ଟେଣ୍ଡର ନୋଟିସ୍ ନମ୍ବର: 114-ELC-G-KGP-24- 25-46, ତାରିଖ- ୨୬.୦୩.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧, ଉଲ୍ଲେଖିତ ତାରିଖରେ ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି। **କାର୍ଯ୍ୟର ବର୍ଣ୍ଣନା:** ପଥ ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ, ୨୦ଟି କ୍ରେନ୍ ଏବଂ ଆରସିଆରଭି ପାଇଁ ଗ୍ୟାରେଜ, ପିଟ୍ ସମ୍ପ୍ରସାରଣ, ଏଆରଟି ସାଇଡିଂ ଏବଂ କ୍ରେନ୍ ସେଡ୍ / ଖଡ଼ଗପୁର ପାଇଁ ସିସିଟିଭି କ୍ୟାମେରା ବ୍ୟବସ୍ଥା ଇତ୍ୟାଦି। **ଟେଣ୍ଡର ମୂଲ୍ୟ:** ୫୮,୯୩, ୨୭୩.୦୯। **ବିଡ୍ ସିକ୍ୟୁରିଟି/ ଇ.ଏମ୍.ଡି.:** ୧,୧୭,୯୦୦। **ଖୋଲିବାର ତାରିଖ:** ୧୬.୦୪.୨୦୨୫। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ। **ସମାପ୍ତି ଅବଧି:** ଗ୍ରହଣ ପତ୍ର ପ୍ରଦାନ ତାରିଖରୁ ୦୬ ମାସ। **ଦାଖଲ ତାରିଖ:** ୧୬.୦୪.୨୦୨୫ ତାରିଖ ଦିନ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ।ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www. ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ www. ireps.gov.in ପରିଦର୍ଶନ କରିପାରିବେ।

(PR-1275)


# ମାତା କର୍ମାଙ୍କ ଉପରେ ସ୍ମାରକ ଡାକ ଟିକେଟ ଜାରି କଲା ଡାକ ବିଭାଗ

ନୂଆଦିଲ୍ଲୀ, ୨୬/୩ : ଡାକ ବିଭାଗ ପ୍ରଖ୍ୟାତ ସନ୍ଥ ସମାଜ ସଂସ୍କାରକ ତଥା ଭଗବାନ କୃଷ୍ଣଙ୍କ ଅନନ୍ୟ ଭକ୍ତ ମାତା କର୍ମାଙ୍କୁ ଶ୍ରଦ୍ଧାଂଜଳି ଦେଇ ତାଙ୍କ ୧୦୦୯ତମ ଜୟନ୍ତୀ ଅବସରରେ ଏକ ସ୍ମାରକ ଡାକ ଟିକେଟ ଜାରି କରିଛନ୍ତି । ମାତା କର୍ମାଙ୍କୁ ଭଗବାନ କୃଷ୍ଣଙ୍କ ପ୍ରତି ଅତୁଟ ଭକ୍ତି ଓ ସମାଜ ସଂସ୍କାର ପ୍ରତି ତାଙ୍କ ଆଜୀବନ ପ୍ରତିବଦ୍ଧତା ପାଇଁ ଜଣାଯାଇଥାଏ। ସଂଚାର ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ବୁଧବାର ଏକ ବୟାନରେ କହିଛି ଯେ, ଡାକ ବିଭାଗ ମଙ୍ଗଳବାର ରାୟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମାତା କର୍ମାଙ୍କ ୧୦୦୯ତମ ଜୟନ୍ତୀ ଅବସରରେ ତାଙ୍କ ସମ୍ମାନରେ ଏକ ସ୍ମାରକ ଡାକ ଟିକେଟ ଜାରି କରିଛନ୍ତି ।

# ନୀଳବାଡିରେ ମା'ଶୀତଳା ଦେବୀଙ୍କ ପୂଜୋତ୍ସବ



ରୂପସା, ୨୬/୩ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ଗ୍ରାମରେ ୪ ଦିନ ବ୍ୟାପୀ ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜୋତ୍ସବ ପାଳିତ ହୋଇଯାଇଛି । ଗ୍ରାମର ମହିଳା, ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ସଂକୀର୍ତ୍ତନ କରି ଶନିବାର ଘଟଉତ୍ତୋଳନ କରିଥିଲେ । ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ଦୀକ୍ଷିତ , ବସନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ଦୀକ୍ଷିତ ଓ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ନିଷ୍ଠାର ସହ ପୂଜାର୍ଚ୍ଚନା ଶୁଭାରମ୍ଭ ପୂର୍ବକ ଯଜ୍ଞ, ଚଣ୍ଡୀପାଠ ହୋଇଥିଲା । ରବିବାର ଦେବୀଙ୍କ ଠାରେ ମାଛ ଭୋଗ ଲାଗିଥିଲା । ଶ୍ରଦ୍ଧାଳୁମାନେ ଦେବୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳୀ ଦେଇଥିଲେ । ବ୍ରତୀମାନେ ଭୋଗ ନୈବେଦ୍ୟ ଅର୍ପଣ ପୂର୍ବକ ମା'ଙ୍କ ଆଶିଷ ଲଭିଥିଲେ । ଆଧ୍ୟାତ୍ମିକ ଭକ୍ତି ସଙ୍ଗୀତ ସୁଧା ପକ୍ଷରୁ ସଂଗୀତଗୁରୁ ଅର୍ଜୁନ ଦଳାଇ ଓ ସତ୍ୟରଞ୍ଜନ ମହାନ୍ତି,କଣ୍ଠଶିଳ୍ପୀ ଦୀପ୍ତରାଗ , ରୁଚିସ୍ମିତା ଓ ଅର୍ଚ୍ଚିସ୍ମିତା ପ୍ରମୁଖ ଭଜନ ପରିବେଷଣ କରିଥିଲେ କ୍ଷ ପ୍ରତି ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ସହ ଶୀତଳା ଗାଆଁଣ ଓ ସାମାଜିକ ଯାତ୍ରା ପରିବେଷଣ ହୋଇଥିଲା । ଶେଷ ସନ୍ଧ୍ୟାରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ । ଆଖପାଖ ଅଞ୍ଚଳରୁ ଦେବୀଙ୍କ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ମଙ୍ଗଳବାର ମାର୍ଜନା ପୂର୍ବକ ପୂର୍ଣ୍ଣାହୁତି ପରେ ଦେବୀଙ୍କୁ ବିସର୍ଜନ ଦିଆଯାଇଥିଲା । ରାତିରେ ଭସାଣି ଉତ୍ସବରେ ଏକ ଶୋଭାଯାତ୍ରାରେ ମାଆ ଶୀତଳା ଓ ପାର୍ଶ୍ୱ ଦେବାଦେବୀଙ୍କୁ ଗାଁ ପରିକ୍ରମା କରାଯାଇ ସ୍ଥାନୀୟ ବିଦ୍ୟାଧର ପୋଖରୀରେ ମେଲାଣି ଦିଆଯାଇଥିଲା । ଗ୍ରାମ୍ୟ କମିଟି ସଭ୍ୟ ମଧୁସୂଦନ ଦାସ, ସନାତନ ଦାସ, ସଚ୍ଚିନ୍ଦ୍ର ଦାସ, ଭାଗବତ ଦେ ଓ ଯୁଧିଷ୍ଠିର ଗିରିଙ୍କ ସମେତ ପରିଚାଳନା କମିଟି ସଦସ୍ୟ ମାନସ ଗିରି, ବିଜୟ ଜେନା, ବିଶ୍ୱନାଥ ଦାସ, ଯୋଗେନ୍ଦ୍ର ଦାସ ଓ ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆହ୍ଲାବାଦ ହାଇକୋର୍ଟଙ୍କ...

ପ୍ରୟୋଗ କରୁଥିବାରୁ ଆମକୁ ଦୁଃଖ ଲାଗୁଛି। ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ 'ଉଇ ଦ ଓମେନ ଅଫ୍ ଇଣ୍ଡିଆ' ନାମକ ଏକ ସଂଗଠନ ବିରୋଧ କରିବା ପରେ ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାର ଶୁଣାଣି କରିଛନ୍ତି। ପୀଡ଼ିତାଙ୍କ ମା' ମଧ୍ୟ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ତାଙ୍କ ଆବେଦନକୁ ମିଶାଇ କୋର୍ଟ ଶୁଣାଣି କରିଛନ୍ତି। ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ଗତ ୧୭ ତାରିଖରେ ଆସିଥିଲା। ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରା ଏହି ରାୟ ଶୁଣାଇଥିଲେ। ସେ ତାଙ୍କ ରାୟର ପାରାଗ୍ରାଫ ନମ୍ବର ୨୧ରେ କହିଥିଲେ, ଅଭିଯୁକ୍ତ ପବନ ଓ ଆକାଶଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ ସେମାନେ ପୀଡ଼ିତାଙ୍କ ସ୍ତନକୁ ଧରିଥିଲେ। ଆକାଶ ପୀଡ଼ିତାଙ୍କ ପାଇଜାମାର ଡୋର ଟାଣି ତାହାକୁ ତଳକୁ ଖସାଇ ଦେବାକୁ ପ୍ରୟାସ କରିଥିଲେ। ତା' ସହିତ ସେମାନେ ପୀଡ଼ିତାଙ୍କୁ ଏକ କଲଭର୍ଟ ତଳକୁ ଟାଣି ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ ସାକ୍ଷୀମାନେ ସେଠାରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ଯେତିକି ତଥ୍ୟ ଏଠାରେ ଦିଆଯାଇଛି, ତାହା ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ଦେଶ୍ୟ ରଖିଥିଲେ ବୋଲି ପ୍ରମାଣିତ କରିବାକୁ ଯଥେଷ୍ଟ ନୁହେଁ। ହାଇକୋର୍ଟଙ୍କ ଏହି ରାୟକୁ ବିଭିନ୍ନ ବର୍ଗର ଲୋକେ ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାର ଶୁଣାଣି କରିବା ଉଚିତ ବୋଲି ମଧ୍ୟ ଦାବି ଉଠିଥିଲା। ଲୋକେ କହିଥିଲେ ଯେ ଜଣେ ଝିଅ ବା ମହିଳାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ଉଲଗ୍ନ କରିବାକୁ ଉଦ୍ୟମ କରିବା ଯଦି 'ଦୁଷ୍କର୍ମ ଉଦ୍ୟମ'ରେ ଯାଉ ନାହିଁ, ତା'ହେଲେ ତାକୁ କ'ଣ କୁହାଯିବ।

### ହାଇକୋର୍ଟର ନୂଆ...

ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ସୂଚନାଯୋଗ୍ୟ, ଜାନୁଆରୀ ୧୯ ତାରିଖରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ଅବସର ନେଇଥିଲେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ। ତା' ପରଠୁ ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ପଦ ଖାଲି ରହିଥିଲା । ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ ତୁଲାଉଛନ୍ତି । ତେବେ ଆହ୍ଲାବାଦ ହାଇକୋର୍ଟକୁ ତାଙ୍କର ବଦଳି ପାଇଁ କଲେଜିୟମ୍ ସୁପାରିଶ କରିଛନ୍ତି । ଏନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା ରହିଛି ।

### ୨୪ଘଣ୍ଟା ଧରି ହାଇଡ୍ରାମା...

୨୧ ମାର୍ଚ୍ଚ ଉପବାଚସ୍ପତି ରୁଲିଂ ଦେଇଥିଲେ ବିଶୃଙ୍ଖଳିତ ଆଚରଣରୁ ନିବୃତ ରହିବାକୁ । ଏସବୁ ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିବାରୁ କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ଗତକାଲି ନିଲମ୍ବନ କରାଯାଇଥିଲା । ଗୃହ ପରିତ୍ୟାଗ ନକରି ଅହୋରାତ୍ର ଧାରଣାରେ ରହିବେ ବୋଲି କହିବାରୁ ସେମାନଙ୍କ ପାଇଁ ସବୁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାତ୍ର ୯ ଘଟିକା ସମୟରେ କଂଗ୍ରେସ ସଦସ୍ୟ ଓ ତାଙ୍କ ସହିତ ଆସିଥିବା କିଛି ରାଜନୈତିକ କର୍ମୀ ମାର୍ଶଲ ଓ ସୁରକ୍ଷା କର୍ମୀଙ୍କୁ ବିଧାନସଭା ବାରଣ୍ଡାକୁ ଆସି ଆକ୍ରମଣ କରିଥିଲେ । ବାଚସ୍ପତିଙ୍କ ବିବୃତି ପରେ ଉଭୟ ବିରୋଧୀ ଦଳଙ୍କ ଉପରେ ବର୍ଷିଛନ୍ତି ଆଇନମନ୍ତ୍ରୀ । ତିନି ଦଳର ଆରୋପ ପ୍ରତ୍ୟାରୋପ ଭିତରେ ବଳି ପଡିଛି ରାଜ୍ୟର ସ୍ୱାର୍ଥ । ଯେଉଁଠି ରାଜ୍ୟର ବିକାଶ ପାଇଁ ଯୋଜନା ହେବା କଥା ସେଠି ହଟ୍ଟଗୋଳରେ ସମୟ ସରିଛି । ଅନ୍ୟପଟେ ଏକ ଅଲୋଡା ପ୍ରସଙ୍ଗକୁ ନେଇ ଓଡ଼ିଶା ସାରାଦେଶରେ ଚର୍ଚ୍ଚାକୁ ଆସିଛି । ତେଣୁ ପ୍ରଶ୍ନ ଉଠୁଛି, ବିଧାନସଭାର ମର୍ଯ୍ୟାଦା ହାନି କରିଛି କିଏ ? ଆଲୋଚନାକୁ ନଆସି କାହିଁକି ଜିଦରେ ଅଟଳ ରହିଲେ ବିରୋଧୀ ? ବିରୋଧୀଙ୍କ ଦାବିକୁ ସରକାର ମାନିଥିଲେ କଣ ହୋଇଥାନ୍ତା ଅସୁବିଧା ?

### ଶ୍ରୀଜଗନ୍ନାଥ ବିମାନବନ୍ଦର...

ପ୍ରସ୍ତାବିତ ଦୁଇଟି ସ୍ଥାନରେ ଅନୁଷ୍ଠିତ ହେବ ଜନଶୁଣାଣୀ । ପରିବହନ ବିଭାଗର ଅନୁଦାନ ଦାବି ଉପରେ ଆଲୋଚନା ସମୟରେ ବିଧାନସଭାରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣ ସମ୍ପର୍କରେ ତଥ୍ୟ ରଖିଛନ୍ତି ବିଭାଗୀୟ ମନ୍ତ୍ରୀ । ସରକାରଙ୍କ ପକ୍ଷରୁ ୧୧୬୪ ଏକର ଜମି ନିରୂପଣ ହୋଇସାରିଛି । ଅଞ୍ଚଳର ଭିତ୍ତିଭୂମିରେ ଉଲ୍ଲେଖନୀୟ ଉନ୍ନତି ସହ ସଂଯୋଗୀକରଣ ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରାୟ ୨,୨୦୩ କୋଟି ଟଙ୍କା ବିନିଯୋଗରେ ପିପିପି ମୋଡ୍‌ରେ ବିକାଶ କରିବା ଲାଗି ଯୋଜନା ରହିଛି । ତୁରନ୍ତ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଦାବି କରିଛନ୍ତି ପୁରୀ ବାସିନ୍ଦା । ପ୍ରତିବର୍ଷ ଦେଶ ବିଦେଶରୁ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ବିମାନବନ୍ଦର ନିର୍ମାଣ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବା ସହ ସ୍ଥାନୀୟ ଅର୍ଥନୀତି ଓ ରାଜ୍ୟର ଅର୍ଥନୀତି କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ ।


### ମହଙ୍ଗା ହେବ ଏଟିଏମରୁ ...

କାହାର ହେବ ଫାଇଦା ? ବ୍ୟାଙ୍କରଙ୍କ ମତରେ, ଏହି ପଦକ୍ଷେପ ଦ୍ୱାରା ନିଜ ଘରୋଇ ବ୍ୟାଙ୍କ ଛଡ଼ା ଅନ୍ୟ ବ୍ୟାଙ୍କର ଏଟିଏମ ବ୍ୟବହାର କରୁଥିବା ଦେଶର କୋଟି କୋଟି ଗ୍ରାହକ ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହେବେ। ସବୁଠୁ ଅଧିକ ବାଧିବ କ୍ଷୁଦ୍ର ବ୍ୟାଙ୍କର ଗ୍ରାହକମାନଙ୍କୁ। କାରଣ କ୍ଷୁଦ୍ର ବ୍ୟାଙ୍କଗୁଡ଼ିକର ସ୍ୱଳ୍ପ ସଂଖ୍ୟକ ଏଟିଏମ୍ ରହିଛି। ସେହି ଗ୍ରାହକମାନେ ଟଙ୍କା ଉଠାଣ ପାଇଁ ମୁଖ୍ୟତଃ ବଡ଼ ବଡ଼ ବ୍ୟାଙ୍କ ଏଟିଏମ ଉପରେ ନିର୍ଭର କରିଥାନ୍ତି। ତେଣୁ ଏ ବର୍ଗର ଗ୍ରାହକ ସବୁଠୁ ଅଧିକ ପ୍ରଭାବିତ ହେବେ। ଆରବିଆଇ ଦ୍ୱାରା ଏଟିଏମ୍ କାରବାର ଫି' ବୃଦ୍ଧି ନିଷ୍ପତ୍ତିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଦେଖାଦେଲାଣି ଅସନ୍ତୋଷ। ଏବେ ଗ୍ରାହକମାନେ ପ୍ରତିମାସରେ ନିଜ ବ୍ୟାଙ୍କ ଏଟିଏମରେ ୫ ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମରେ ୫ ଥର, ଅର୍ଥାତ୍ ମୋଟ ୧୦ ଥର ମାଗଣାରେ ଆର୍ଥିକ କାରବାର କରିପାରୁଛନ୍ତି। ଏହାପରେ ସେମାନଙ୍କୁ ପ୍ରତି କାରବାର ପାଇଁ ଗଣିବାକୁ ପଡୁଛି ଅତିରିକ୍ତ ଦେୟ। ଏଭଳି କ୍ଷେତ୍ରରେ ଏଟିଏମ୍ ଇଣ୍ଟରଚେଞ୍ଜ ଫି'ରେ ବୃଦ୍ଧି ଗ୍ରାହକଙ୍କୁ କ୍ୟାସଲେସ୍ ଟ୍ରାଞ୍ଜାକ୍ସନ ଆଡ଼କୁ ଆକୃଷ୍ଟ କରିପାରେ ବୋଲି ମତ ଦେଲେଣି ବ୍ୟାଙ୍କର।

### ବିଧାନସଭା ଅଚଳ...

ଯାଉଛନ୍ତି ଏହା କେବଳ ବିଧାନସଭା କାଳଖଣ୍ଡକୁ କିପରି ୱାସଆଉଟ୍ ହେଇଯିବ ଓ ବିଧାନସଭାର ସମୟ କେମିତି ନଷ୍ଟ ହେବ,ଏହା ହେଉଛି ତାଙ୍କର ସ୍ୱରଚିତ ଷଡ଼ଯନ୍ତ୍ର । ବିଧାନସଭାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଜାଣିବା ପାଇଁ ଗୋଟିଏ ଥର ମଧ୍ୟ କଂଗ୍ରେସ ଓ ବିଜୁ ଜନତା ଦଳ ଚାହିଁ ନାହିଁ କି ଦାବି ମଧ୍ୟ କରିନାହିଁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

# ବିଧବାଙ୍କୁ ଆଡ଼ଆଖି: ସାମାଜିକ ସୁରକ୍ଷାରୁ ବଂଚିତ ମାମିଲି, ଧାନି ଓ ମାଳତୀ



ଉଦଳା , ୨୬/୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଡ଼ଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ବିଧବା ମା' ମାମିଲି ମାର୍ଣ୍ଡି, ଧାନି ମୁର୍ମୁ ଓ ମାଳତୀ ହାଁସଦା ଏ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । ଖବର ନେବାରୁ ଉକ୍ତ ଗ୍ରାମର ବାସିନ୍ଦା ଲବ ମାର୍ଣ୍ଡିଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ୫ ବର୍ଷ ହେବ ତାଙ୍କର ସହଧର୍ମିଣୀ 'ମାମିଲି' ବିଧବା ଜୀବନ ବିତାଉଛନ୍ତି । ଶାଶୁ, ଶ୍ୱଶୁରଙ୍କର ପୂର୍ବରୁ ଦେହାନ୍ତ ହୋଇଯାଇଥିବା ବେଳେ 'ମାମିଲି'ଙ୍କର ପିଲା ପିଲି ନଥିବାରୁ ବର୍ତମାନ ସେ ଏକାକୀ ଦିନ ବିତାଇବାକୁ ବାଧ ହେଉଛନ୍ତି । ଦିନମଜୁରିଆ ଭାବରେ କାମ କରି ସେ ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା କିଛି ହେଲେ 'ମାମିଲି' ପାଇପାରି ନଥିବାର କହିଛନ୍ତି । ସେହିପରି ଏହି ଗ୍ରାମର ବାସିନ୍ଦା କଂଗ୍ରେସ ମୁର୍ମୁଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣୀ 'ଧାନି' ଆଜକୁ ୩ ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର, ଆଧାରକାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ତ୍ୱେ 'ଧାନି' ଏ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବାରୁ ବଂଚିତ ଅଛନ୍ତି । ସେହିପରି ଉକ୍ତ ଗ୍ରାମର ବାସିନ୍ଦା ଶ୍ୟାମସୁନ୍ଦର ହାଁସଦାଙ୍କର ଦେହାନ୍ତ ହୋଇଯିବା ଫଳରେ ଆଜକୁ ୨ ବର୍ଷ ଧରି ତାଙ୍କର ସହଧର୍ମିଣୀ 'ମାଳତୀ' ବିଧବା ଜୀବନ ବିତାଉଛନ୍ତି । ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ଓ ଆଧାର କାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ତ୍ୱେ 'ମାଳତୀ' ମଧ୍ୟ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ତାଛଡ଼ା ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିଲେ ମଧ୍ୟ କେବଳ ବାଛିବାଛି କରି ଆଦିବାସୀ ବିଧବା ମା' ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବା ପାଇଁ କାହିଁକି ବର୍ଷ ବର୍ଷ ସମୟ ଅପେକ୍ଷା କରିବାକୁ ପଡୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ତୁରନ୍ତ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ ପରାମର୍ଶ ଦାତା ଶିବିର ଉଦ୍‌ଘାଟିତ

ଭଦ୍ରକ, ୨୬/୩ (ନି.ପ୍ର): ବିନ୍ଦୁ ମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ ଅଣତାଲିମ ପ୍ରାପ୍ତ କାଉନ୍‌ସିଲର ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଚାଲୁରହିବ। ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତା ସମ୍ପର୍କରେ କାଉନ୍‌ସିଲର ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ, ରାଜ୍ୟ ସାଧନ କର୍ମୀ ବାମନ ଚନ୍ଦ୍ର ମହାନ୍ତି ଚଣ୍ଡିଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝି, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ବିନ୍ଦୁ ମାଧବ ବାଗୁରାଇ ହାଇସ୍କୁଲର ବରିଷ୍ଠ ଶିକ୍ଷକ ତରୁଣ ଭଟ୍ଟାଚାର୍ଯ୍ୟ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଡ଼କ୍ରସର ଇତିହାସ, ଲକ୍ଷ, ନୀତି, ପ୍ରାଥମିକ ଉପଚାର ଜଳବାୟୁ ପରିବର୍ତ୍ତନ, ସଡ଼କ ସୁରକ୍ଷା, ଏଡ଼ସ୍ ସଚେତନତା, ଅଗ୍ନି ନିରାପତ୍ତା, ରକ୍ତଦାନ ସଚେତନତା ଇତ୍ୟାଦି ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଷାଠିଏ ଜଣ କାଉନ୍‌ସିଲର ଯୋଗାଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ବିଶ୍ୱାଳ, ଅକ୍ଷୟ ସେଠୀ, ଶିବ ନାରାୟଣ ପତି, ପ୍ରଭୁଦତ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।




# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ: ମଞ୍ଚସ୍ଥ ହେଲା ନାଟକ 'ଶତ୍ରୁ – ଦ ଏନ୍ମି ଉଇଦିନ'



ପାରାଦ୍ୱୀପ, ୨୬/୩ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ - ୨୦୨୫, ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ – ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତିର ବିଷୟବସ୍ତୁକୁ ସ୍ପର୍ଶ କରେ । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପରିଚାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ । ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି । ନିର୍ବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚନ ଦେଉଛନ୍ତି । ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି । ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି । କୁଣେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି । ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚିତ ହୁଅନ୍ତି । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ପଲିଟିକାଲ ବିଜନେସ ଡେଲିର ରେସିଡେଣ୍ଟ ଏଡିଟର ବିଜୟ ମିଶ୍ର, ପାରାଦୀପ ମୁନିସିପାଲିଟୀର ଅଧକ୍ଷ ବସନ୍ତ ବିଶ୍ୱାଳ, ପି ପି ଏଲ ୟୁନିଟ ହେଡ ପାଲନିସମୀ ଭେଲୁସମୀ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ନିଲାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ, ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ ଶୋଣ୍ଡି, ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ତଥା କାନମାସର ମିଡ଼ିଆ ସଂଯୋଜକ ନୀରୋଜ୍ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ । ପରିଶେଷରେ କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୁଢ଼ୀପଦରଠାରେ ଷୋଳ ପ୍ରହର ନାମଯଜ୍ଞ



ଭବାନୀପାଟଣା, ୨୬/୩ (ନି.ପ୍ର): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଚହଗାଁଗ୍ରାମ ପଞ୍ଚାୟତ ସ୍ଥିତ ବୁଢ଼ୀପଦର ଗ୍ରାମରେ ଦ୍ୱିତୀୟ ବର୍ଷ ଷୋଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଇଯାଇଛି। ଏନେଇ ନାମଯଜ୍ଞ ପାଇଁ ରବିବାର ଶୁଭ କଳସ ଯାତ୍ରା ଆୟୋଜିତ ହୋଇଥିଲା। ସୋମବାର ସକାଳ ୭:୦୫ ଘଟିକାରୁ ନାମ ଆରମ୍ଭ ହୋଇଥିବା ବେଳେ ବୁଧବାର ସକାଳେ ନାମ ସମାପନ ଓ ପୂର୍ଣ୍ଣାହୁତି ହୋଇଛି । ନାମଯଜ୍ଞ ଫଳରେ ଗାଁ ପରିବେଶ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ହରେ କୃଷ୍ଣ ହରେ ରାମ ନାମରେ ଗୁଞ୍ଜରିତ ହେଇ ଉଠିଛି ଯଜ୍ଞସ୍ଥଳ। ଜନସାଧାରଣଙ୍କ ମନରେ ଭକ୍ତି ଭାବନା ଜାଗ୍ରତ ହୋଇ ବେଶ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁଛି । ଏହି ନାମଯଜ୍ଞରେ ପୂଜକ କମ୍ବୁପାଣି ଦାଶ ଓ ଭକ୍ତରାମ ଦାଶ ପୂଜାକାର୍ଯ୍ୟ ତୁଲାଉଥିଲେ। ଏଥିରେ ଯଜ୍ଞ କର୍ତ୍ତା ଭାବେ ଚକାନୟନ ସାହୁ ଓ ତାଙ୍କ ଧର୍ମପତ୍ନୀ ଲିଲି ସାହୁ ଦାୟିତ୍ୱ ନିର୍ବାହ କରୁଥିଲେ। ଏଥିରେ ଆୟୋଜକ କମିଟି ସଭାପତି ଗିରିଧାରୀ ସାହୁ, ସମ୍ପାଦକ ସୁଦର୍ଶନ ସାହୁ , ଦୀନବନ୍ଧୁ ସାହୁ, କାମଦେବ ସାହୁ, ଜଳନ୍ଧର ସାହୁ, ପ୍ରହଲ୍ଲାଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ସାହୁ, ଦାମଦୋର ସାହୁ, ଜଗନ୍ନାଥ ସାହୁ,ପିତାମ୍ବର ସାହୁ,ଲାଲୁପ୍ରସାଦ ସାହୁ, ଚାରୁଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ପୂଜାକାର୍ଯ୍ୟରେ ସାହାଯ୍ୟ କରିଥିଲେ ।

# ଏକଲ ଅଭିଯାନ ସଂଗଠନ ପକ୍ଷରୁ ବାର୍ଷିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ନୀଳଗିରି, ୨୬/୩ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଜଦିଡା ପଞ୍ଚାୟତ ଅନ୍ତର୍ଗତ ପୋଡାଶୂଳ ସିଟି ସ୍କୁଲ ବିଲଡିଙ୍ଗରେ ଏକଲ ଅଭିଯାନ ବିଦ୍ୟାଳୟ ସଂଗଠନ ପକ୍ଷରୁ ପାଞ୍ଚଦିନ ଧରି ଚାଲିଥିବା ବାର୍ଷିକ ଆଚାର୍ଯ୍ୟ ଅଭ୍ୟାସବର୍ଗ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଶ୍ରୀଯୁକ୍ତ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ନିଜ ବିଚାରରେ ତୃଣମୂଳ ସ୍ତରରେ ଗରିବ ଏବଂ ଅବହେଳିତ ପିଲାମାନଙ୍କୁ କିପରି ନିଃଶୁଳ୍କ ଶିକ୍ଷାପ୍ରଦାନ କରାଯାଇପାରିବ ,ଏହି ବିଦ୍ୟାଳୟର ମୂଳଲକ୍ଷ୍ୟ ବୋଲି କହିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳ ଅଭିଯାନ ପ୍ରମୁଖ ଦୁର୍ଯ୍ୟୋଧନ ମହନ୍ତ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ସଂଚ ପ୍ରମୁଖ କନକଲତା ଘଡେଇ,ମିତ୍ରପୁର ସଂଚ ପ୍ରମୁଖ ସଂଗୀତା ମହାପାତ୍ର,ଇଶ୍ୱରପୁର ସଂଚ ପ୍ରମୁଖ ଆରତୀ ପରିଡା ପ୍ରମୁଖ ଉପସ୍ଥିତଥିଲେ।ଉକ୍ତକାର୍ଯ୍ୟକ୍ରମରେ ସମ୍ଭାଗ ପ୍ରମୁଖ ଇତି ମିଶ୍ର ପ୍ରଥମେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ୟ କାର୍ଯ୍ୟ କର୍ତା ଉପସ୍ଥିତ ଥିଲେ।

# ଦିବଂଗତ ଗଣେଶ ଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବସ୍ତା , ୨୬/୩ (ନି.ପ୍ର): ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପାଉଁଶକୁଲି। ପକ୍ଷରୁ ସ୍ଥାନୀୟ ରାଧାନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରାକ୍ତନ ଶିକ୍ଷକ ଦିବଂଗତ ଗଣେଶ ଚନ୍ଦ୍ର ସାହୁ (୮୧) ଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଦିବଂଗତ ଆତ୍ମାର ସଦ୍ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଇନ୍ଦୁ ମାଧବ ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିବା ବେଳେ, ସମ୍ପାଦକ ରମେଶ ଚନ୍ଦ୍ର ନାୟକ ସ୍ୱର୍ଗତ ସାହୁଙ୍କ ର ନୀତି, ଆଦର୍ଶ, ମଣିଷ ପଣିଆ ଓ ମହାନୁଭବତାର ସ୍ମୃତିଚାରଣ କରିଥିଲେ । ଗଙ୍ଗାଧର ଦାସ, ପଞ୍ଚାନନ ଦାସ, ନାରାୟଣ ଉପାଧ୍ୟାୟ, ରବିନାରାୟଣ ଦାସ, ବିଜୟ କୁମାର ନନ୍ଦ, ରବୀନ୍ଦ୍ର ନାଥ ମହାନ୍ତି , ଲକ୍ଷ୍ମଣ ସେନାପତି, ମଧୁସୂଦନ ସାହୁ , ଅଜୟ କୁମାର ସାହୁ ,ନରହରି ସାହୁ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ସ୍ୱର୍ଗତ ସାହୁଙ୍କର ଉତ୍ତମ ଉନ୍ନତ ଶିକ୍ଷାଦାନ, ଚରିତ୍ର ବତ୍ତା ଓ ଆଦର୍ଶ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆଲୋକପାତ କରି, ଦିବଂଗତ ସାହୁଙ୍କୁ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଏବଂ ପାଉଁଶକୁଲି ହାଇସ୍କୁଲର ଜଣେ ନିଖୁଣ ବିନ୍ଧାଣୀ ଭାବେ କାର୍ଯ୍ୟ ତୁଲାଇ ଥିଲେ ସ୍ୱର୍ଗତ ଗଣେଶ ସାରଙ୍କର ଅମର ଆତ୍ମାର ସଦ୍ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା ପରିଶେଷରେ ଉପସଭାପତି ଅରବିନ୍ଦ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଆପାଳ ପୋଲିସ ପକ୍ଷରୁ ଇଦ୍ ଏବଂ ରାମ ନବମୀ ପାଇଁ ଶାନ୍ତି କମିଟି ବୈଠକ




ବାଲିଆପାଳ , ୨୬/୩ (ନି.ପ୍ର): ବାଲିଆପାଳ ଥାନା ଅଞ୍ଚଳରେ ଉଭୟ ରାମ ନବମୀ ଏବଂ ଇଦ୍ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଅବସରରେ ଆଜି ଥାନା ପରିସରରେ ସ୍ଥାନୀୟ ଅଞ୍ଚଳରୁ ଉଭୟ ସମ୍ପ୍ରଦାୟର ବୁଦ୍ଧିଜୀବୀ, ମୁଖିଆ , ସମାଜସେବୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଥାନା ଆଇ ଆଇ ସି ଗୋବିନ୍ଦ ପ୍ରସାଦ ବେହେରା, ଏସ୍ ଆଇ, ବିଶ୍ୱମ୍ଭର ଚକ୍ରବର୍ତ୍ତୀ, ସୂର୍ଯ୍ୟନାରାୟଣ ନାୟକ,ଏ ଏସ ଆଇ, ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଜାତି ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଭାଇଚାରାର ସହିତ ସମସ୍ତ ଧାର୍ମିକ କାର ?ୟକ୍ରମକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏଦିଗରେ କୌଣସି ପ୍ରକାରର ବିଶୃଙ୍ଖଳା କୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇ.ଆଇ.ସି ଶ୍ରୀ ବେହେରା କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଆଇନ୍, ସାଇବର ଅପରାଧ, ମହିଳା ଶିଶୁ ଅପରାଧ ଆଇନ୍ ବାବଦରେ ସଚେତନ କରିଥିଲେ। ଏହି ଶାନ୍ତି କମିଟି ବୈଠକରେ ମଧୁସୂଦନ ବାରିକ୍, ଭାସ୍କର ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ପାତ୍ର,ମହେଶ୍ୱର ଜେନା , ବିନୋଦ ଚନ୍ଦ୍ର ଜେନା, ମୃତ୍ୟୁଞ୍ଜୟ ନାୟକ, ରଘୁନାଥ ଜେନା, ଗଣେଶ ବେହେରା,ସେକ ରହିମାନ, ନାଜିର ଖାନ, ଇନ୍ତାଜ୍ ସାହା, ସେକ ରୀୟାନୁ, ସରୋଜ୍ କୁମାର ଦାସ, ଅନନ୍ତ ବିଶ୍ୱାଳ, ଶ୍ରୀକାନ୍ତ ନାଥ, ଶାନ୍ତନୁ ଭଦ୍ର, କମଳାକାନ୍ତ ରାଉଳ,ସନ୍ତୋଷ ଗିରି, ରାଜୀବ ଜେନା, ପ୍ରମୁଖ ଯୋଗ ଦେଇଥିଲେ।

# କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଗିରଫ

ଭୁବନେଶ୍ୱର, ୨୬/୩ (ନି.ପ୍ର): କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଗିରଫ । ଖୋର୍ଦ୍ଧା ଜିଲ୍ଲା ଜଟଣି ମ୍ୟୁନସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀଙ୍କୁ ଆୟ ବହିର୍ଭୂତ ସଂପତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି । ଗତକାଲି ରେଡ୍ ବେଳେ ତାଙ୍କ ନିକଟରୁ ବିପୁଳ ସଂପତି ଠାବ ହୋଇଥିଲା । ଭୁବନେଶ୍ୱରରେ ୪ଟି ଉଚ୍ଚମୂଲ୍ୟର ଫ୍ଲାଟ, ବ୍ରହ୍ମପୁରରେ ୨ଟି ବହୁମହଲା ବିଲ୍ଡିଂ, ୧୧ଟି ପ୍ଲଟ, ୪୭୫ ଗ୍ରାମର ସୁନା ଅଳଙ୍କାର, ୧୭ଲକ୍ଷ ନଗଦ ଟଙ୍କା, ୯୦ ଲକ୍ଷର ବ୍ୟାଙ୍କ ଜମା ଠାବ ହୋଇଛି । ଯାହାର ସିଏ ସଠିକ ଉତର ଦେଇପାରିନଥିଲେ ।

# ଜେଆରସି କାଉନସେଲରଙ୍କ ଏକ ଦିବସୀୟ ବ୍ଲକସ୍ତରୀୟ କର୍ମଶାଳା




କରଞ୍ଜିଆ, ୨୬/୩ (ନି.ପ୍ର): ଇଣ୍ଡିଆନ ରେଡ କ୍ରସ ସୋସାଇଟି ଓଡିଶା ଶାଖା ମୟୁରଭଞ୍ଜ ଜିଲ୍ଲା ପକ୍ଷରୁ ଉପଖଣ୍ଡ ସ୍ତରୀୟ ଏକ ଦିବସୀୟ ଜୁନିୟର ରେଡ୍ କ୍ରସ୍ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କରଞ୍ଜିଆ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ଗାୟତ୍ରୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଥାନାର ଉପ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ସେଠୀ ଯୋଗ ଦେଇ ମଣିଷ ବଞ୍ଚିଥିବା ସମୟରେ ଯଦି ତା ପାଖରେ ମାନବିକତା ନ ରୁହେ ତାହେଲେ ମୃତ୍ୟ ସହିତ ସମାନ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସେବା କରିବା ପାଇଁ ପରାମର୍ଶ ଦେଇଥିଲେଓ ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ କାଉନସେଲରମାନଙ୍କୁ ଅବଗତ କରାଇଥିଲେ ଓସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଭାପତି ସୁଧା ରଞ୍ଜନ ମହାକୁଡ଼ ଯୋଗ ଦେଇ ରେଡ୍ କ୍ରସ୍ ର କାର୍ଯ୍ୟ ଧାରାକୁ ପ୍ରଶଂସା କରିଥିଲେ ।ଏଥିରେ ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ମିତା ହାଁସଦା ଯୋଗ ଦେଇ ସଚେତନତା ବାର୍ତା ପ୍ରଦାନ କରିଥିଲେଓ ଜେଆରସି ଉପଖଣ୍ଡ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେଓପ୍ରାରମ୍ଭରେ ଆରାଧ ଦେବତା ପ୍ରଭୁ ଜଗନ୍ନାଥ ଓ ରେଡ଼କ୍ରସର ଜନକ ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ସହିତ ବିଦ୍ୟାଳୟର ଜୁନିୟର୍ସ ମାନେ ରେଡ କ୍ରସର ସଙ୍ଗୀତ ଗାନ କରିଥିଲେ ଓ ଶେଷରେ ଶିକ୍ଷୟତ୍ରୀ ଶକୁନ୍ତଳା ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ ଓଏଥିରେ ୫ ଟି ବ୍ଲକର କାଉନସେଲରମାନେ ଅଂଶ ଗ୍ରହଣ କରିଥିଲେଓ ଏଥିରେ କାଉନସେଲର ଦେବି ପ୍ରକାଶ ମହାନ୍ତ, ଦେବେନ୍ଦ୍ର ନାଥ ମହାନ୍ତ, ମନୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ବିଷୟରେ ଆଲୋଚନାଚକ୍ର




ଉଦଳା , ୨୬/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ 'ଉଚ୍ଚ ଶିକ୍ଷା କ୍ଷେତ୍ରରେ (ରୁଷା)ର ପ୍ରଭାବ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ଼.ସନ୍ତୋଷ କୁମାର ପଣ୍ଡା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଘଟାଇବାରେ ରାଷ୍ଟ୍ରୀୟ ଶିକ୍ଷା ଅଭିଯାନ (ରୁଷା) କିପରି ଭୂମିକା ନେଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ମେରିନା ପଣ୍ଡା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ କେନ୍ଦ୍ରସରକାରଙ୍କର ଏହି ଅଭିଯାନର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସୁବ୍ରତ କୁମାର ପାଣିଗ୍ରାହୀ ଓ ରାଜକିଶୋର ବେହେରା ବିଷୟବସ୍ତୁ ଉପରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ରୀ ହିରଣ୍ମୟୀ ପୁହାଣ, ସୁଭଦ୍ରା ଖଣ୍ଡେଇ, ପୁଷ୍ପଲତା ମହାନ୍ତ, କାଜଲ ଲେଙ୍କା ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାମଲ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପାଳପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୨୬/୩ (ନି.ପ୍ର): ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ମୋଟ ୧୮୦ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୯ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୪୮ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଆଜିର ମିଳିତ ଜନଶୁଣାଣି ଅବସରରେ,ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା/ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ/ ଉପ - ଜିଲ୍ଲା ପାଳ , କିଶୋର କୁମାର ପଣ୍ଡା/ସ୍ଥାନୀୟ ସରପଞ୍ଚ / ତହସିଲଦାର/ବିଡ଼ିଓ/ ସି ଡ଼ି ଏମ୍ଓ, ରାଜଲକ୍ଷ୍ମୀ ପଟ୍ଟନାୟକ/ ଡେପୁଟି କଲେକ୍ଟର, ଆର୍ତ୍ତତ୍ରାଣ ମଲିକ /ଆସିଷ୍ଟାଣ୍ଟ କଲେକ୍ଟର/ ଓ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦାବିରୁ ଓହରିବୁ ନାହିଁ : ତାରା ବାହିନୀପତି

ଭୁବନେଶ୍ୱର, ୨୬/୩ (ନି.ପ୍ର): ବିଧାନସଭା ବାହାରେ କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ ସମୟରେ ପୋଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି । ଏ ନେଇ ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଗାଈଗୋରୁଙ୍କୁ ମାରିଲା ପରି ମତେ ଧକ୍କା ମାରିଛନ୍ତି। ମୋ ସୁନା ଚେନ୍ ସୁରକ୍ଷାକର୍ମୀ ନେଇଯାଇଛନ୍ତି। ମୁଁ ଏନେଇ ଥାନାରେ ଏତଲା ଦେବି। ସେ ଆହୁରି ମଧ୍ୟ କହିଛନ୍ତି, ଗତକାଲି ରାତିରେ ପୋଲିସ ଫୋର୍ସ ପଠାଇ ଆମକୁ ଟେକି ନେଇ ମାଡ଼ ମରାଇଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida